ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.25 . No.114 Bhubaneswar Wednesday June 15 2022 | ୨୫ତମ ବର୍ଷ ସଂଖ୍ୟା-୧୧୪ ଭୁବନେଶ୍ୱର, ବୁଧବାର, ଜୁନ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଓଡିଆ ଭାଷାରେ ନାମଫଳକ: ଶୁଣିଲେନି ବିଭାଗ, ସରକାର ନାଚାର

ଭୁବନେଶ୍ୱର,୧୪।୬(ପି.ଏନ): ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡିଶାର ନିଜସ୍ୱ ଭାଷା 'ଓଡିଆ' ଏବେ ବିପଦରେ । ରାଜ୍ୟରେ ଦୀର୍ଘ ୨୨ବର୍ଷ ଧରି କ୍ଷମତାରେ ଥିବା ଆଂଚଳିକ ଦଳ ବିଜେଡି ସରକାରର ଆନ୍ତରିକତା ଅଭାବରୁ ସରକାରୀ ଭାଷାର ମାନ୍ୟତା ପାଇଥିଲେ ମଧ୍ୟ ଏହା ଏବେ ଅବକ୍ଷୟମୁଖୀ ହେବାରେ ଲାଗିଛି । ଭାଷାର ସୁରକ୍ଷା ପାଇଁ ପୁଳାପୁଳା ଆଇନ ଓ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ଅଣଓଡିଆ ପ୍ରଶାସକମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବାରୁ ଓଡିଆ ଭାଷା ଆଇନର ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ଭବପର ହୋଇପାରୁନଥିବା ଜଣାପଡିଛି । ଏପରିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡିଆ ଭାଷାର ନାମ ଫଳକ ଲେଖି ୩ ସପ୍ତାହ ସୁଦ୍ଧା ସରକାରଙ୍କୁ ଜଣାଇବା ପାଇଁ ଉନ୍ନୟନ କମିଶନର ପ୍ରଦୀପ ଜେନା ଗତ ଏପ୍ରିଲ ମାସରୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି । କେବଳ ସେତିକି ନୁହେଁ, ଗତ ମେ' ୧୭ତାରିଖରେ ଶ୍ରୀ ଜେନା ଅନ୍ୟ ଏକ ଚିଠି ଲେଖି କୌଣସି ବିଭାଗ କାହିଁକି ଉପରୋକ୍ତ ନିର୍ଦ୍ଦେଶକୁ ଅନୁପାଳନ କରିନାହାନ୍ତି ସେ ନେଇ ଜବାବ ମାଗିଥିଲେ ମଧ୍ୟ ଆଜିସୁଦ୍ଧା ପ୍ରାୟ ୯୫ ପ୍ରତିଶତ ବିଭାଗ କୌଣସି ଉତ୍ତର ଦେଇନଥିବା ଜଣାପଡିଛି ।ସୂଚନା ଅନୁସାରେ, ଓଡିଆ ଭାଷା ଆଇନର କାର୍ଯ୍ୟକାରୀ କରୁନଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅଭାବରୁ ଓଡିଆ ଭାଷା ଆଇନର କାର୍ଯ୍ୟକାରିତା ଓ ଭାଷାର ପ୍ରଚାରପ୍ରସାର ମଧ୍ୟ ସଠିକ୍ ଢଙ୍ଗରେ ହୋଇପାରୁନି । ଉନ୍ନୟନ କମିଶନର ଶ୍ରୀ ଜେନାଙ୍କ




ଏପ୍ରିଲ ମାସରେ ନିର୍ଦ୍ଦେଶ ସତ୍ତ୍ୱେ ସମସ୍ତ ସରକାରୀ, ବେସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟରେ ନାମଫଳକ ଓଡିଆ ଭାଷାରେ ଲେଖିବା କାର୍ଯ୍ୟ ଅଦ୍ୟାବଧି ଫଳପ୍ରଦ ହୋଇପାରିନି । ଏପରିକି ଶ୍ରୀ ଜେନା ମେ' ମାସରେ ଏନେଇ ପୁଣିଥରେ ସବୁ ବିଭାଗକୁ କୈଫିୟତ ତଲବ କରିଥିଲେ ମଧ୍ୟ ୯୫ ପ୍ରତିଶତ ବିଭାଗ ଏନେଇ ଆଜିସୁଦ୍ଧା କୌଣସି ଉତ୍ତର ସରକାରଙ୍କୁ ଦେଇନଥିବା ଜଣାପଡିଛି ।ଦୀର୍ଘଦିନର ସଂଘର୍ଷ ପରେ ୧୯୩୬ ଏପ୍ରିଲ ୧ରେ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ (ଉତ୍କଳ) ଭାବେ ଓଡିଶା ଜନ୍ମ ନେଇଥିଲା । ଓଡିଆ ଭାଷାର ପ୍ରଚାରପ୍ରସାର ଓ ଏହାକୁ ସରକାରୀ କାର୍ଯ୍ୟରେ ଉପଯୋଗ ନିମନ୍ତେ 'ଓଡିଆ ସରକାରୀ ଭାଷା ଆଇନ-୧୯୫୪' କାର୍ଯ୍ୟକ୍ଷମ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ଆଇନରେ ସଂଶୋଧନ କରାଯାଇ ଓଡିଆ ଭାଷାର ପ୍ରଚାରପ୍ରସାରକୁ ଗୁରୁତ୍ୱ ଦିଆଯାଉଥିଲା । କିନ୍ତୁ ଗତ ୨୨ବର୍ଷ ଧରି ବିଜେଡି ସରକାରରେ ଓଡିଆ ଭାଷାର ପ୍ରଚାରପ୍ରସାର ଦୂରର କଥା, ଓଡିଆ ଭାଷା ନିଜର ସତ୍ତା ହରାଇବାକୁ ବସିଲାଣି । ଯଦିଓ ଓଡିଆ ଭାଷାର ସୁରକ୍ଷା ପାଇଁ ବିଭିନ୍ନସ୍ତରରେ ଆନ୍ଦୋଳନ ପରେ ବିଜେଡି ସରକାର ଗତ ୫-୬ବର୍ଷ ମଧ୍ୟରେ ଭାଷା ଆଇନରେ ସଂଶୋଧନ ସହ ନୂଆ ନିୟାମବଳୀ ପ୍ରସ୍ତୁତ କରିଛନ୍ତି ।ଓଡିଆ ସରକାରୀ ଭାଷା ସଂଶୋଧନ ଆଇନ-୨୦୧୬, ଓଡିଆ ସରକାରୀ ଭାଷା ଆଇନ ରୁଲସ-୨୦୧୬ ଓ ଓଡିଆ ସରକାରୀ ଭାଷା ଆଇନ ରୁଲସ-୨୦୧୯ ପ୍ରଣୟନ କରିଛନ୍ତି । କିନ୍ତୁ ଏହି ସବୁ ଆଇନ ଓ ରୁଲସରେ ଥିବା ପ୍ରାବଧାନକୁ ସଠିକ୍ ଢଙ୍ଗରେ ପାଳନ ହେଉନଥିବାରୁ ରାଜ୍ୟରେ ଅନ୍ୟ ଭାଷାଗୁଡିକର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ୨୦୧୬ ମସିହାରେ ଓଡିଆ ଭାଷା ଆଇନରେ ସଂଶୋଧନ ସହ ନୂଆ ରୁଲସ୍ ପ୍ରଣୟନ କରିଥିଲେ । ଓଡିଶା ସରକାରୀ ଭାଷା ଅଧିନିୟମ-୨୦୧୬ର ନିୟମ ୫ ଅନୁସାରେ ସରକାରୀ କାର୍ଯ୍ୟରେ ଓଡିଶା ଭାଷାର ପର୍ଯ୍ୟାପ୍ତ ବ୍ୟବହାରରେ ବାରମ୍ବାର ଖିଲାପ କଲେ, ଖିଲାପୀକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଓଡିଶା ବେସାମରିକ ସେବା ଅଧିନିୟମ-୧୯୬୨ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଓଡିଆ ଭାଷାର ବ୍ୟାପକ ବ୍ୟବହାର କରୁଥିବା କର୍ମଚାରୀ ଓ ବିଭାଗକୁ ପୁରସ୍କୃତ ମଧ୍ୟ କରାଯିବ । ମାତ୍ର ଏହି ଆଇନ କେବଳ କାଗଜକଲମରେ ରହିଯାଇଛି ।୨୦୧୬ ମସିହା ପରଠୁ ଓଡିଆ ଭାଷାର କାର୍ଯ୍ୟକାରୀ ଓ ପ୍ରଚାରପ୍ରସାରରେ ଅବହେଳା ନିମନ୍ତେ କୌଣସି ଜଣେ ବି ସରକାରୀ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇନଥିବା ଜଣାପଡିଛି । ତା'ଛଡା ଅଣଓଡିଆ ପ୍ରଶାସକମାନେ ଏବେ ରାଜ୍ୟ ଶାସନ କଳକୁ ନିୟନ୍ତ୍ରଣ କରୁଥିବାରୁ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ଓ ନାମଫଳକ ଲେଖାଯିବା ତଥା ଭାଷା ଆଇନ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଚିଲିକା କୂଳରେ ଲାଗିଲା ମୃତ ଡଲଫିନ୍

ବାଲୁଗାଁ,୧୪।୬(ପି.ଏନ): ଆଜି ବାଲୁଗାଁ ନିକଟ କଳିଯୁଗେଶ୍ୱର ପାହାଡ ପାଦଦେଶ ଚିଲିକା କୂଳରୁ ଏକ ମୃତ ଡଲଫିନ୍ ମିଳିଛି । ସ୍ଥାନୀୟ କିଛି ଯୁବକ ସେଠାରେ ଭୋଜି କରୁଥିବାବେଳେ ଏହି ମୃତ ଡଲଫିନକୁ ଦେଖିଥିଲେ । ପରେ ସେମାନେ ବନ ବିଭାଗକୁ ଖବର ଦେଇଥିଲେ । ଖବରପାଇ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ କର୍ତ୍ତୃପକ୍ଷ ପହଞ୍ଚି ମୃତ ଡଲଫିନ୍ ଶବକୁ ନେଇଯାଇଥିଲେ ।ଡଲଫିନ ଶବକୁ ବ୍ୟବଚ୍ଛେଦ ପାଇଁ ଙଟଇଞ୍ଚ ପଠାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି । ଏହି ଡଲଫିନ୍ ?ର ଶବ ପ୍ରାୟ ୫ଫୁଟ ହେବ । ଡଲଫିନର ମୃତ୍ୟୁ ନେଇ ସ୍ପଷ୍ଟ ହୋଇ ନ ଥିବା ବେଳେ ମୋଟରବୋଟ ପଙ୍ଖାମାଡରେ ତାର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଡଲଫିନର ଶବ ଭାସୁଥିବାରୁ କିଛିଦିନ ତଳେ ତା'ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

## ୨ ବର୍ଷ ଧରି ବନ୍ଦ ଥିବା କଟକ ବାଲିଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବ :ଜିଲ୍ଲାପାଳ

କଟକ, ୧୪।୬(ପି.ଏନ): କରୋନା କଟକଣା ପାଇଁ ଗତ ୨ ବର୍ଷ ଧରି ବନ୍ଦ ଥିବା କଟକ ବାଲିଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବ । ଆଜି ଅପରାହ୍ନରେ ବାରବାଟୀ ପ୍ୟାଲେସ୍ ଠାରେ ଏନେଇ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ । ବିଶେଷ କରି ଚଳିତ ବର୍ଷ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ବାଲିଯାତ୍ରାର ଆୟୋଜନ ନେଇ ଯୋଜନା କରିଛି ଜିଲ୍ଲା ପ୍ରଶାସନ । ଡିଆରଡିଏ ପିଡି ଅମ୍ବର କୁମାର କରଙ୍କୁ ବାଲିଯାତ୍ରାର ନୋଡ଼ାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି ।

## ଦ୍ୱିତୀୟ ଦିନରେ ୧୦ ଘଣ୍ଟା ଜେରା ହେଲେ ରାହୁଲ, କାଲି ପୁଣି ହାଜର ହେବାକୁ ନୋଟିସ




ନୂଆଦିଲ୍ଲୀ,୧୪।୬(ପି.ଏନ): ନ୍ୟାଶନାଲ ହେରାଲ୍ଡ ମାମଲାରେ ଫସିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଦୁଇ ଦିନ ଭିତରେ ତାଙ୍କୁ ପ୍ରାୟ ୧୯ ଘଣ୍ଟା ଧରି ଜେରା କରି ସାରିଲାଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ତଥାପି ରାହୁଲଙ୍କୁ ମିଳିନି କୌଣସି ଆଶ୍ୱସ୍ତି । ଆସନ୍ତାକାଲି ତାଙ୍କୁ ଆଉ ଥରେ ଜେରା କରାଯିବ । ଏଥିପାଇଁ ଇଡି ତାଙ୍କୁ ନୋଟିସ କରିଛି ।ଆଜି ଦିନ ପ୍ରାୟ ୧୧ଟା ୫ରେ ରାହୁଲ ଗାନ୍ଧି ଦଳୀୟ କର୍ମୀଙ୍କୁ ଭେଟିବା ପରେ ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ପ୍ରାୟ ୩ ଘଣ୍ଟା ଜେରା କରାଯାଇଥିଲା । ଜେରା ପରେ ତାଙ୍କୁ ଲଞ୍ଚ ବ୍ରେକରେ ପ୍ରାୟ ୧ ଘଣ୍ଟା ପାଇଁ ପଠା ଯାଇଥିଲେ । ସେଠାରୁ ଫେରିବା ପରେ ରାହୁଲଙ୍କୁ ପୁଣି ପ୍ରାୟ ୭ ଘଣ୍ଟା ଧରି ଇଡିର ୩ ଜଣ ଅଧିକାରୀ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଥିଲେ ।ଇଡି ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରସ୍ତୁତ କରିଥିବା ସମସ୍ତ ପ୍ରଶ୍ନକୁ ଆଜି ହିଁ ଶେଷ କରିବାକୁ ରାହୁଲ ଜେରା ବେଳେ କହିଥିଲେ । ଯେତେ ବିଳମ୍ବ ହେଲେ ମଧ୍ୟ ଆଜି ସେ ଇଡି ଅଫିସରେ ରହିବାକୁ ପ୍ରସ୍ତୁତ ଥିବା ଅଧିକାରୀମାନଙ୍କୁ ଜଣାଇଥିଲେ । କିନ୍ତୁ ଇଡି ଅଧିକାରୀମାନେ କିଛି ବି ଶୁଣି ନଥିଲେ । ବାକି ଥିବା ପ୍ରଶ୍ନ କାଲି ପଚାରିଯିବ ଓ ବୁଧବାର ରାହୁଲଙ୍କୁ ପୁଣି ହାଜର ହେବାକୁ ଇଡି ଅଧିକାରୀମାନେ କହିଥିଲେ ।ସୋମବାର ରାହୁଲଙ୍କୁ ମଧ୍ୟ ୯ ଘଣ୍ଟା ଧରି ଜେରା କରାଯାଇଥିଲା । ୧୯ ଘଣ୍ଟା ଧରି ରାହୁଲ ଜେରାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଇଡି ତାଙ୍କ ପାଇଁ ପ୍ରସ୍ତୁତ କରିଥିବା ପ୍ରଶ୍ନ ଶେଷ ହୋଇନାହିଁ ।ଅନ୍ୟପକ୍ଷରେ ରାହୁଲ ଗାନ୍ଧିଙ୍କ ଜେରାକୁ ବିରୋଧ କରି ସୋମବାର ଭଳି ମଙ୍ଗଳବାର ମଧ୍ୟ କଂଗ୍ରେସ କର୍ମୀମାନେ ଦିଲ୍ଲୀରେ ସତ୍ୟାଗ୍ରହ କରିଛନ୍ତି । ଏହି ସମୟରେ ଦିଲ୍ଲୀ ପୁଲିସ୍ ? କଂଗ୍ରେସର ଅନେକ ବରିଷ୍ଠ ନେତା ଓ କର୍ମୀଙ୍କୁ ବଳପୂର୍ବକ ଉଠାଇ ନେଇ ଅଟକ ରଖିଛି । ଅଟକ ରହିଥିବା ନେତାମାନଙ୍କୁ ଆଜି ପ୍ରିୟଙ୍କା ଗାନ୍ଧି ଭଦ୍ରା ଭେଟିଛନ୍ତି । ଦିଲ୍ଲୀ ପୁଲିସ୍ ? ସତ୍ୟାଗ୍ରହ ବେଳେ କଂଗ୍ରେସର ମହିଳା କର୍ମୀଙ୍କୁ ବି ଠେଲାପେଲା କରିଥିବା ଭିଡିଓ ସାମ୍ନାକୁ ଆସିଛି ।

## ଦୁର୍ଘଟଣାଗ୍ରସ୍ତ କାର୍ ରୁ ୧୧୬ କେଜି ଗଞ୍ଜେଇ ଜବତ

ଗଞ୍ଜାମ, ୧୪।୬(ପି.ଏନ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଫାଷ୍ଟ ଗେଟ୍ ନିକଟରେ ଆଜି ସକାଳେ ଟ୍ରାକ୍ଟରକୁ ଧକ୍କା ଦେଇ ଓଲଟି ପଡିଥିଲା ଏକ କାର୍ । ଦୁର୍ଘଟଣାଗ୍ରସ୍ତ ଏହି କାର୍ ମଧ୍ୟରୁ ୧୧୬ କେଜି ଗଞ୍ଜେଇ ଜବତ କରାଯାଇଛି । କାର୍ ରେ ଥିବା ଦୁଇ ଜଣ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି । ଖବର ପାଇ ବଡ଼ବଜାର ଥାନା ପୋଲିସ ସେଠାରେ ପହଂଚି କାର୍ ସହ ଗଞ୍ଜେଇ ଜବତ କରିଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## କିମ୍ସରେ ବିଶ୍ୱ ରକ୍ତଦାତା ଦିବସ : ନିୟମିତ ରକ୍ତଦାନ ହୃଦଘାତର ଆଶଙ୍କା କମ୍ କରିଥାଏ

ଭୁବନେଶ୍ୱର,୧୪।୬(ପି.ଏନ: ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ହୃଦ୍‌ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ଏବଂ ରକ୍ତଦାତାଙ୍କ ରକ୍ତଚାପ ସ୍ତର ସନ୍ତୁଳିତ ରହିଥାଏ । ଏହି ଲକ୍ଷ୍ୟ ନେଇ କିମ୍ସ ପକ୍ଷରୁ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରକ୍ତଦାନର ସକାରାତ୍ମକ ଦିଗ ଉପରେ ଆଲୋକପାତ କରି କିମ୍ସ୍ ଭୁବନେଶ୍ୱର ରକ୍ତ ଭଣ୍ଡାରର ମୁଖ୍ୟ ଡା ସୁକାନ୍ତ ତ୍ରିପାଠୀ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ନିବେଦନ କରିଛନ୍ତି । ଜଣେ ନିୟମିତ ରକ୍ତଦାତାଙ୍କଠାରେ ରକ୍ତଚାପ, ହୃଦଘାତର ଆଶଙ୍କା କମ୍ ଦେଖାଦେଇଥାଏ ଏବଂ ଶରୀରରେ ଲୌହ ସ୍ତର, କୋଲେଷ୍ଟ୍ରଲସ୍ତର ନିୟନ୍ତ୍ରଣ ରହିଥାଏ । ଅପରପକ୍ଷରେ ରକ୍ତଦାନ ପୂର୍ବରୁ ଦାତାମାନେ ଅନେକ ବ୍ୟୟ ବହୁଳ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ




ପାଇଥାନ୍ତି ବୋଲି ଡ଼ାକ୍ତର ତ୍ରିପାଠୀ କହିଛନ୍ତି । ୨୦୨୧ରେ ଓଡ଼ିଶାରେ ୬୬.୭୬ ପ୍ରତିଶତ ୟୁନିଟ ରକ୍ତ ସ୍ୱେଚ୍ଛକୃତ ଦାନ ମାଧ୍ୟମରେ ବର୍ଷକ ମଧ୍ୟରେ ସମୁଦାୟ ୪,୮୭,୦୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସେଥିରୁ ୩,୨୫,୧୩୯ ୟୁନିଟ ସ୍ୱେଚ୍ଛାକୃତ ଦାତା ଦାନ କରିଥିଲେ ଏବଂ ଅବଶିଷ୍ଟ ରିପ୍ଲେସମେଂଟ ଦାତା ମାନେ ଦେଇଥିଲେ ବୋଲି ଡା ତ୍ରିପାଠୀ ସୂଚନା ଦେଇଛନ୍ତି । ବଢୁଥିବା ଚାହିଦାକୁ ପୂରଣ କରିବା ଲାଗି ଅଧିକ ସଂଖ୍ୟାରେ ଲୋକଙ୍କୁ ରକ୍ତ ଦାନ ନିମନ୍ତେ ସଚେତନ କରାଯିବା ଦରକାର । କରୋନା ମହାମାରୀ ସମୟରେ ପ୍ରତ୍ୟେକ ରକ୍ତ ଭଣ୍ଡାରରେ ରକ୍ତ ସମସ୍ୟା ଦେଖା ଦେଇଥିବାରୁ ଚଳିତ ବର୍ଷ ରକ୍ତଦାତା ଦିବସ ଗୁରୁତ୍ୱ ବହନ କରିବ । ଏହି ଦିନର ଅନ୍ୟତମ ଉଦେଶ୍ୟ ହେଉଛି ପ୍ରତ୍ୟେକଙ୍କ ମଧ୍ୟରେ ରକ୍ତ ଦାନ ନେଇ ସଚେତନତା ସୃଷ୍ଟି କରିବା ।୨୦୦୬ ରେ କିମ୍ସ ଭୁବନେଶ୍ୱରରେ ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗ କାର୍ଯ୍ୟକ୍ଷମ ହେବା ପରେ କିମସ୍ ବ୍ଲଡ ସେଂଟର ପୁନଃ ନାମିତ ହୋଇଥିଲା । ଏଠାରେ ସ୍ଥାପିତ ହୋଇଥିବା ଆଧୁନିକ ଯନ୍ତ୍ରାଂଶ ଜରିଆରେ ଗ୍ରହଣ କରାଯାଇଥିବା ରକ୍ତ ୟୁନିଟ୍‌ରୁ ପ୍ଲାଜମା, ପ୍ଲେଟଲେଟ, ଶ୍ୱେତ ରକ୍ତ କଣିକା ଏବଂ ଲୋହିତ ରକ୍ତ କଣିକାକୁ ପୃଥକ କରିଥାଏ । ଯାହାକି ଅନେକ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଉପଯୋଗୀ ହୁଏ । ଜଣେ ବ୍ୟକ୍ତି ରକ୍ତ ଦାନ କଲେ ୬ ଜଣ ବ୍ୟକ୍ତିଙ୍କ ଜୀବନ ବଂଚାଇ ପାରିବ । କିମସ୍ ଭୁବନେଶ୍ୱରର ରକ୍ତ ଭଣ୍ଡାର ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଂଚଳରେ ଥିବା ଡ଼ାକ୍ତରଖାନା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ସମୟରେ ସହଯୋଗ କରି ଆସୁଛି ।

### ଅଭିନନ୍ଦନ

ରଜ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ । **-ସମ୍ପାଦକ**

### ଛୁଟି ଘୋଷଣା

ରଜ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜୁନ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**

## ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଆଶ୍ୱସ୍ତ

ଧର୍ମଶାଳା,୧୪।୬(ପିଏନ୍): କିଛିଦିନ ହେଲା ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଆଜି ଅପରାହ୍ନରେ ଘଡଘଡି ସହ ପ୍ରାୟ ୧ ଘଂଟା କାଳ ବର୍ଷା ଲାଗିରହିବାରୁ ଜନଜୀବନ ଆସ୍ୱସ୍ତିଲାଭ କରିଛନ୍ତି ।

## ଶ୍ରୀମନ୍ଦିର ପ୍ରକଳ୍ପରେ ପୁଣି କେଁ: ଶିଖ୍ ସମୁଦାୟଙ୍କ ଆସ୍ଥା ପୀଠରେ ଶୌଚାଳୟ ନିର୍ମାଣ, ରିପୋର୍ଟ ତଲବ

ଭୁବନେଶ୍ୱର,୧୪।୬(ପି.ଏନ): ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ନିର୍ମାଣ ପାଇଁ ଉଦ୍ଦିଷ୍ଟ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ରେ ପୁଣି କେଁ ପଶିଛି । ପୁରୀରେ ଶିଖ୍ ଧର୍ମାବଲମ୍ବୀଙ୍କ ଆସ୍ଥାର ପ୍ରତୀକ ଥିବା ଗୁରୁଦ୍ୱାର କୋଠା(ଶ୍ରୀମନ୍ଦିର ପାଶ୍ୱର୍ରେ ଥିବା)ରେ ଶୌଚାଳୟ ନିର୍ମାଣ କରାଯାଉଥିବା ନେଇ ଏକ ଭିଡିଓକୁ ନିଜ ଆଡୁ ଜାତୀୟ ସଂଖ୍ୟାଲଘୁ କମିଶନ ବିଚାରକୁ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି । ୧୦ଦିନ ମଧ୍ୟରେ ଜବାବ ରଖିବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ଜାତୀୟ ସଂଖ୍ୟାଲଘୁ କମିଶନ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଇନଥିବା ଜଣାପଡିଛି ।ଜାତୀୟ ସଂଖ୍ୟାଲଘୁ କମିଶନ ଦେଇଥିବା ଅବଧି ଜୁନ୍ ୪ ତାରିଖରେ ଶେଷ ହୋଇଥିବାବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏନେଇ ଗତକାଲି ରାଜ୍ୟ ସରକାର ରିପୋର୍ଟ ମାଗିଛନ୍ତି । ଶିଖ୍ ଧର୍ମାବଲମ୍ବୀ ସର୍ବୋଚ୍ଚ ଗୁରୁ ନାନକ ଦେବ ପୁରୀଙ୍କ ଆଗମନର ସ୍ମୃତି ରକ୍ଷା ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ଶୌଚାଳୟ ନିର୍ମାଣ କରୁଥିବାର ସଙ୍ଗୀନ ଅଭିଯୋଗକୁ ଜାତୀୟ ସଂଖ୍ୟାଲଘୁ କମିଶନଙ୍କ ନିଜଆଡୁ ବିଚାରକୁ ନେଇ ମେ' ୨୬ତାରିଖରୁ ମୁଖ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଥିଲେ ମଧ୍ୟ ରାଜ୍ୟ ସରକାର ଏହି ବୈଧାନିକ ସଂସ୍ଥା ପ୍ରତି ମଧ୍ୟ ସମ୍ମାନ ଦେଖାଇବାକୁ ଉଚିତ୍ ମଣିନଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଜାତୀୟ ସଂଖ୍ୟାଲଘୁ କମିଶନ ଏକ ୟୁଟ୍ୟୁବ୍ ଭିଡିଓକୁ ବିଚାରକୁ ନେଇ ଗତ ମେ' ୨୬ତାରିଖରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଜାରି କରିଥିବା ନୋଟିସରେ ଦର୍ଶାଇଛନ୍ତି ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଯେଉଁ ସ୍ଥାନକୁ ଗୁରୁ ନାନକ ଦେବଙ୍କ ପୁରୀ ଆଗମନର ସ୍ମାରକୀ ଭାବେ ନିର୍ମାଣ କରିବାକୁ ଚିହ୍ନଟ ହୋଇଥିଲା ସେ ସ୍ଥାନକୁ ଏବେ ଶୌଚାଳୟ ନିର୍ମାଣ ନିମନ୍ତେ ଦୁରୂପଯୋଗ କରାଯାଉଛି । ଶିଖ୍ ଗୁରୁଙ୍କ ସୈନିକ(ନିହାଙ୍ଗ) ଜବର ଜଙ୍ଗ ସିଂ ନାମକ ବ୍ୟକ୍ତି ଏହି ଭିଡିଓ କରି ଗୁରୁ ନାନକ ଦେବଙ୍କ ପ୍ରତି ଅସମ୍ମାନ କରାଯାଉଥିବା ଅଭିଯୋଗ କରିଛନ୍ତି ।




## ରଜ ଶୁଭେଚ୍ଛା

ରଜ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ମା' ଓ ଝିଅମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ଭୀମସେନ ଓଝା

ବାରିଗାଁ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ : ୨୪ ଅଗଷ୍ଟ ୧୯୩୮
ତିରୋଧାନ:୧୫ ଜୁନ ୨୦୨୦

ପବିତ୍ର ରଜସଂକ୍ରାନ୍ତିରେ ଆପଣଙ୍କ ଆକସ୍ମିକ ଦେହାବସାନ ପାଇଁ ସମସ୍ତେ ମର୍ମାହତ । ଆଜି ଦ୍ୱାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ପତ୍ନୀ- ରଶ୍ମିରେଖା, ପୁତ୍ର- ତରୁଣ, ଅରୁଣ, ପୁତ୍ରବଧୂ- ମିନତୀ, ମମତା, କନ୍ୟା-ବୀଣା, ମନ୍ଦାକିନୀ, ପଙ୍କଜିନୀ, ଜ୍ୱାଇଁ- ରମେଶ, ଉପେନ୍ଦ୍ର, ନାତି ନାତୁଣୀ- ସୌମ୍ୟରଞ୍ଜନ, ସତ୍ୟ କୁମାର, ସିଦ୍ଧାର୍ଥ, ଆଦିତ୍ୟ, ସୋନାଲି, ଅମୃତା, ଶିକ୍ଷା, ଅନନ୍ୟା, ମନୀଷା ଓ ଶୋକସନ୍ତପ୍ତ ପରିବାର ବର୍ଗ ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଳୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ରଥଯାତ୍ରା ପାଇଁ ରଥଦାଣ୍ଡ ପ୍ରସ୍ତୁତ, ନିର୍ମାଣ ଚାଲିଛି ବ୍ରହ୍ମ ତାଳଧ୍ୱଜ ରଥ



କେନ୍ଦ୍ରାପଡ଼ା (ପିଏନ୍): ଆସନ୍ତା ଜୁଲାଇ ମାସ ୧ ତାରିଖରେ ହେବ ରଥଯାତ୍ରା। ଏଥିପାଇଁ ତୁଳସୀକ୍ଷେତ୍ର ପ୍ରସ୍ତୁତ। ବିଧି ଓ ପରମ୍ପରା ଅନୁଯାୟୀ ରଥଯାତ୍ରା ପାଇଁ ତୁଳସୀକ୍ଷେତ୍ରରେ ଗୋଟିଏ ରଥ ନିର୍ମାଣ କରାଯାଇଥାଏ। ଏହି ରଥରେ ବଡ଼ ଭାଇ ସିଦ୍ଧ ଶ୍ରୀବଳଦେବଜୀଉ, ସାନ ଭାଇ କାଳିଆ ଠାକୁର, ଭଉଣୀ ସୁଭଦ୍ରା ବସି ମାଉସୀ ମା'ଙ୍କ ଘରକୁ ତଥା ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି ବୋଲି କହିଛନ୍ତି ସେବାୟତ ତଥା ଲେଖକ ନିରଞ୍ଜନ ମେକାପ। ସେ କହିଛନ୍ତି ସେଠାରେ ଜନ୍ମ ବେଦୀରେ ୭ ଦିନ ରହିବା ପରେ ପୁଣି ରତ୍ନ ସିଂହାସନ ଅଭିମୁଖେ ପ୍ରଭୁ ବାହୁଡିଥାନ୍ତି। ବାହୁଡାଯାତ୍ରା ପରେ ନିଳାଦ୍ରୀ ବିଜେ ନୀତି ଅନୁଷ୍ଠିତ ହୋଇଥାଏ। ନିଳାଦ୍ରୀ ବିଜେ ଦିନ ଠାକୁର ରଘୁନାଥ ବେଶ ହୋଇଥାନ୍ତି। ତିନି ଠାକୁର ପୁଣି ରତ୍ନ ସିଂହାସନକୁ ବିଜେ କରନ୍ତି। ତୁଳସୀକ୍ଷେତ୍ରରେ ଶ୍ରୀକ୍ଷେତ୍ର ପରି ପ୍ରତିବର୍ଷ ନୂଆ ରଥ ନିର୍ମାଣ ହୋଇ ନ ଥାଏ। ଯେଉଁ ରଥ ନିର୍ମାଣ ହୋଇଥାଏ ତାହାକୁ ଖୋଲା ଯାଇ ଦେବୋତ୍ତର କାର୍ଯ୍ୟାଳୟ ପରିସରରେ ଥିବା କାଠ ଘରେ ରଖାଯାଇଥାଏ। ପରବର୍ଷ ଦୁଇଟି ନୂତନ ଚକ ଓ ଦୁଇଟି ନୂତନ ଅଖ ନିର୍ମାଣ କରାଯାଇଥାଏ। ଏଥିସହ ରଥ ନିର୍ମାଣ ପାଇଁ ଆବଶ୍ୟକତା ଅନୁଯାୟୀ ନୂତନ କାଠ ବ୍ୟବହାର କରାଯାଇଥାଏ। ତୁଳସୀ କ୍ଷେତ୍ରରେ ରଥ ନିର୍ମାଣ ପାଇଁ ୮୦ ପ୍ରତିଶତ ଶାଳ କାଠ, ଚକରେ ବାରନ୍ଦା ନିର୍ମାଣ ପାଇଁ ଦେବଦାରୁ ଓ ପାରା ଭାଡି ନିର୍ମାଣ ପାଇଁ ସିମିଳି କାଠ ବ୍ୟବହାର କରାଯାଇଥାଏ। କାହିଁ କେଉଁ ଆବାହମାନ କାଳରୁ ରଥର ଉଚତା ୬୫ ଫୁଟ୍ ରହି ଆସୁଛି। ଭୁଇଁରୁ ଦଧିନଉତି ପର୍ଯ୍ୟନ୍ତ ଉଚ୍ଚତା ୬୫ ଫୁଟ୍ ରହିଥାଏ। ତୁଳସୀକ୍ଷେତ୍ର ରଥରେ ନିଦା ଶାଳୁଆ କାଠ ବ୍ୟବହାର କରାଯାଇଥାଏ। ଏହି ରଥ ୧୪ ଚକ ବିଶିଷ୍ଟ। ଏହି ରଥର ନାମ ବ୍ରହ୍ମ ତାଳଧ୍ୱଜ ରଥ। ଏଠାରେ ପରମ୍ପରା ଅନୁଯାୟୀ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଓ ବାହୁଡା ଯାତ୍ରା ମଧ୍ୟ ଦୁଇଦିନ ଅନୁଷ୍ଠିତ ହୋଇଥାଏ। ତୁଳସୀକ୍ଷେତ୍ରରେ ଏହିଭଳି ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏବେ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖ ରଥ ଖଳାରେ ରଥର ବିଭିନ୍ନ ଅଂଶକୁ ରଖାଯାଇ କାମ ଆରମ୍ଭ ହୋଇଯାଇଛି। ଇତି ମଧ୍ୟରେ ଅଖ କାମ ସରି ଯାଇଛି ଓ ଚକ କାମ ଆରମ୍ଭ ହୋଇଛି। ଆସନ୍ତା ଜ୍ୟେଷ୍ଠ ପୂର୍ଣ୍ଣିମା ତଥା ଜୁନ ୧୪ ତାରିଖ ଦିନ ଅଖରେ ରଥ ଜୋଖା ଯିବ। ୧୫ ଦିନ ପର୍ଯ୍ୟନ୍ତ ରଥ ନିର୍ମାଣ କାର୍ଯ୍ୟ ଚାଲେ। ନେତ୍ରୋତ୍ସବ ଦିନ ରଥ ଗଡିବା ପାଇଁ ପ୍ରସ୍ତୁତ ହୋଇଯାଏ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ହେବ। ଗତ ଦୁଇ ବର୍ଷ ହେବ କରୋନା କଟକଣା ପାଇଁ ରଥଯାତ୍ରା ହୋଇ ନ ଥିଲା। କେବଳ ରଥ ନିର୍ମାଣ କରାଯାଇଥିଲା। ଭକ୍ତମାନେ ଦୂରରୁ ରଥ ଦର୍ଶନ କରିଥିଲେ। ଏଥର ରଥଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହେବ ବୋଲି ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ବଳଦେବଜୀଉ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପ୍ରସ୍ତୁତ ହେଉଛି।

# ଲେଖକର ପ୍ରକୃତ ପ୍ରମାଣପତ୍ର ହେଲେ ପାଠକ

ଖୋର୍ଦ୍ଧା (ପିଏନ୍): ଲେଖକଙ୍କୁ ତିଆରି କରିଛନ୍ତି ପାଠକ। ସେମାନେ ମୂଳ। ତେଣୁ ସେମାନଙ୍କୁ ଭୁଲିଯିବାର ଧୃଷ୍ଟତା ମୁଁ କରିପାରିବିନି। ଭିନ୍ନ ଶୈଳୀର ଗାଳ୍ପିକ ସୁନୀଲ ବୋଷ



ନିଜ ଷଷ୍ଠ ଗଳ୍ପ ସଂକଳନ 'ଗାଳ୍ପିକଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ'ର ପାଠକାର୍ପଣ ଅବସରରେ ଏଭଳି ମତପୋଷଣ କରିଛନ୍ତି। ମୁକୁନ୍ଦପ୍ରସାଦପୁର ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ସମାଜସେବୀ ରାମଶଙ୍କରଙ୍କ ସଂଯୋଜନାରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଶ୍ରୀ ବୋଷଙ୍କର ଜଣେ ବିମୁଗ୍ଧ ପାଠକ ହ୍ୟାପିସିଙ୍ଗ ମହାନ୍ତି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର, ଗୀତିକାର ଗୋପାଳ ଦେ, ଓଡ଼ିଶା ଏକ୍ସପ୍ରେସର ସମ୍ପାଦକ ତଥା ସାହିତ୍ୟିକ ରମାପଦ ବୋଷ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଯୋଗଦେଇ ସୁନୀଲ ବୋଷଙ୍କ ଗଳ୍ପଲିଖନ ଶୈଳୀର ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କ ଗଳ୍ପରେ ଏଭଳି ଚମତ୍କାରିତା ଥାଏ, ଯାହା ପାଠକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧିରଖିଥାଏ ବୋଲି ବକ୍ତାମାନେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରାଜକିଶୋର ପ୍ରାଣିଗ୍ରାହୀ, ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ନଟବର ସାହୁ, ଡ. ଲକ୍ଷ୍ମଣ ସାହୁ, ଡ. କୈଳାସ ଚନ୍ଦ୍ର ମହାରଣା, ପ୍ରିୟଦର୍ଶିନୀ ମହାରଣା, ଗୀତିକାର ତ୍ରିଲୋଚନ ଦାସ, କବି ନିଶିକାନ୍ତ କହଲସିଂହ, ଅନୁବାଦକ ଆଶିଷ ରାୟ, କବି ସମରଜିତ୍ ପଟ୍ଟନାୟକ, ଅବସରପ୍ରାପ୍ତ ବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ର, ପ୍ରକାଶକ ଶାକ୍ତସିଂହ ମହାପାତ୍ର, ଶ୍ୱେତ କୁମାର ମିଶ୍ର, ସଂଭବ ବଳିଆରସିଂହ, ସୂର୍ଯ୍ୟନାରାୟଣ ବେହୁରା, ବିଶ୍ୱନାଥ ଆଚାର୍ଯ୍ୟ, ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ ଶ୍ରୀ ବୋଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମଣ ସାହୁ ଶ୍ରୀ ବୋଷଙ୍କ ଗଳ୍ପକୁ ପ୍ରତିଭଯଶା ସାହିତ୍ୟିକ ମନୋଜ ଦାସଙ୍କ ଗଳ୍ପ ସହ ତୁଳନୀୟ ବୋଲି ମତ ଦେଇଥିଲେ। ଗାଳ୍ପିକ ସମରେନ୍ଦ୍ର ବଳିଆରସିଂହ 'ଗାଳ୍ପିକଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ' ସଂପର୍କରେ ଆଲୋଚନା କରି କହିଥିଲେ ଯେ, ବହିଟିରେ ରୋମାଂଟିକ୍ ବିଷୟବସ୍ତୁ ସହ ସାମାଜିକ ଅଧଃପତନର ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଛି। ଗାନ୍ଧିବାଦ ଏବେ କବର ତଳେ। ସାଂପ୍ରତିକ ସମାଜରେ ଚାଲିଥିବା ଅନ୍ୟାୟ, ଅନୀତି, ଦୁର୍ନୀତି ବରଂ ଗାନ୍ଧୀ ନ ଦେଖିବା ଭଲ। ଏହି ମର୍ମରେ ଚର୍ଚ୍ଚିତ ଗପଟି ଗଢ଼ିଉଠିଛି। ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୌଦାମିନୀ ବେହେରା ସଂଯୋଜନା କରିଥିଲେ।


# ପାରାଦୀପର ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟା

ପାରାଦୀପ (ପିଏନ)- ପାରାଦୀପ ଅଂଚଳର ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟାର ଆଶୁ ସମାଧାନ ପାଇଁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ପ୍ରଶାସନ ନିକଟରେ ଦାବୀ କରି ଆସୁଛନ୍ତି। ପ୍ରଶାସନ ଏନେଇ ପଦକ୍ଷେପ ଆରମ୍ଭ କରିଥିଲେ ବି ସେଭଳି କୌଣସି ଫଳପ୍ରଦ କାର୍ଯ୍ୟ ହୋଇନାହିଁ। ଗତ ୧୦ ତାରିଖ ଦିନ ପୂର୍ବବାର ଏ ଦିଗରେ ପଦକ୍ଷେପ ନେଇ ଲୋକଙ୍କୁ ଉଦ୍‌ବୁଦ୍ଧ କରାଯାଇଥିଲା। ଅତେବ ସାମ୍ବାଦିକମାନେ ଟର୍ମିନାଲ ଛକରୁ ରଙ୍ଗିଆଗାର, ଅତେବ ସାମ୍ବାଦିକମାନେ ଟେଲିଗ୍ରାଫ ପଡ଼ା ପର୍ଯ୍ୟନ୍ତ ରାସ୍ତାକଡ଼ରୁ ଟ୍ରକ୍ ସମେତ ଅନ୍ୟ ଭାରୀଯାନ ଗୁଡ଼ିକର ବେଆଇନ ପାର୍କିଙ୍ଗକୁ ବନ୍ଦ କରିବା ଓ ଜାତୀୟ ରାଜପଥ କଡ଼ରେ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ପୁନର୍ବାର ନିବେଦନ କରିଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ଯଦି ପ୍ରଶାସନ ଏ ଦିଗରେ କୌଣସି ଆଶାନୁରୂପ ପଦକ୍ଷେପ ନ ନିଏ ତେବେ ସେହି ଦିନ କାର୍ଯ୍ୟରତ ସାମ୍ବାଦିକମାନେ ଜାତୀୟ ରାଜପଥ ଅବରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ନେଇ ପ୍ରଶାସନକୁ ଜଣାଇଥିଲେ। ଏହି ଦାବିପତ୍ର ପ୍ରଦାନ ପରେ ଜରିଆରେ ବିଭିନ୍ନ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକରେ ସାମିଲ ହୋଇଥିଲେ। ପାରାଦୀପର ବହୁ ବଣିକସଂଘ, ବ୍ୟବସାୟିକ ସଙ୍ଗଠନ ଏହି ଧାରଣାରେ ସାମିଲ ହେବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ବୃହତର ସ୍ୱାର୍ଥରକ୍ଷା ପାଇଁ ଏହି ଧାରଣା ହେବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ୧୮ ତାରିଖ ଦିନ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଓଡ଼ିଶାର ଜାତୀୟ ପର୍ବ: ରଜ



ରଜ ହେଉଛି ମାଟି ମା' ପୂଜାର ଏକ ପର୍ବ ଓ ପରମ୍ପରା। ଏହା କୃଷିଭିତ୍ତିକ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଂଜନର ଅନୁଷ୍ଠାନ ବା କାର୍ଯ୍ୟକ୍ରମ। ହଜାର ହଜାର ବର୍ଷତଳୁ ବୈଦିକ ଯୁଗରୁ ଚଳିଆସୁଥିବା ପ୍ରକୃତି ପୂଜାର ଏକ ନିଦର୍ଶନ ହେଉଛି ଏ ଧାତ୍ରୀ ପୂଜା: ରଜ। ରଜ କହିଲେ ନାରୀ ଯୋନିରୁ ନିଃସୃତର ରସ ବା ରକ୍ତ। ନାରୀଟିଏ ଋତୁମତୀ ବା ରଜସ୍ୱଳା ହେଲେ ପରବର୍ତ୍ତୀ ସ୍ତରରେ ପ୍ରଜନନ ବା ସୃଜନର ପ୍ରତିଶ୍ରୁତି ଦିଏ। ଏହା ପ୍ରତିଟି କିଶୋରୀ, ବର୍ତ୍ତମାନ ପ୍ରାପ୍ତ ବାଳିକା ବା ନାରୀ ପାଇଁ ସତ୍ୟ। ଏ ବସୁଧା ଏକ ନାରୀ, ମାଟିମା'। ଏ ମାଟିମା' ଆଦ୍ୟଆଷାଢ଼ରେ ପ୍ରଥମ ବର୍ଷଣରେ ହୁଏ ରଜସ୍ୱଳା ବା ଋତୁମତୀ । ଏହି ସମୟରେ ଏ ମାଟିରୁ ନିସୃତ ହୁଏ ଏକ ତରଳ ପଦାର୍ଥ ଋତୁସ୍ରବା ନାରୀଟିଏ ପରି ଏବଂ ଉର୍ବରତା ଆଣେ ପରବର୍ତ୍ତୀ ମାଟି କର୍ଷଣ ଓ ବୀଜ ବପନର ଅନୁକୂଳ ଅବସ୍ଥା। ରଜସ୍ୱଳା ନାରୀଟିଏ ଏହି ସମୟରେ ସଂପୂର୍ଣ୍ଣ ବିଶ୍ରାମ ନିଏ। ଖୁସିବାସି, ମଉଜ ମଜଲିସ୍ ଓ ଭଲ ଖାନାପିନାରେ କଟାଏ ଏ ତିନିଦିନ । ଚତୁର୍ଥ ଦିନ ଗାଧୋଇପାଧୋଇ ଶୁଦ୍ଧିହୁଏ । ତାପରେ ସ୍ପର୍ଶ ଯୋଗ୍ୟ ଓ ହୁଏ ପ୍ରଜନନ କ୍ଷମ । ନାରୀଟିଏ ପାଇଁ ଯାହା ସତ୍ୟ, ତାହା ଧରିତ୍ରୀ ପାଇଁ ସତ୍ୟ । ଏଣୁ ତିନିଦିନ ଧରିତ୍ରୀର ରଜସ୍ୱଳା କାରଣରୁ କର୍ଷଣ ବା ଧର୍ଷଣ କରାଯାଏ ନାହିଁ। ତା' ପ୍ରତି ସମସ୍ତ ଅତ୍ୟାଚାର ମନା । ମାଟିମା'ର ରଜସ୍ୱଳାକୁ ଗୁରୁତ୍ୱ ଓ ସମ୍ମାନ ଦେଇ ଆମେ ପାଳୁ ରଜପର୍ବ । ରଜ କୌଣସି ବ୍ରତ, ଓଷା, ଉପବାସ କି








ଧାର୍ମିକ ଅନୁଷ୍ଠାନ ନୁହେଁ । ଏହା ଏକ ପର୍ବ । ବିଷ୍ଣୁ ପୁରାଣ ଅନୁସାରେ ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତିରେ ପଡୁଥିବା ପୂଜାପାର୍ବଣକୁ 'ପଞ୍ଚପର୍ବ' ବୋଲି କୁହାଯାଏ । ରଜ ମିଥୁନ ବା ଆଷାଢ଼ ସଂକ୍ରାନ୍ତି ଦିନ ପଡ଼େ । ଏଣୁ ଏହାପର୍ବ । ଅନ୍ୟାନ୍ୟ ପର୍ବ ଗୁଡ଼ିକ ମାତ୍ର ଗୋଟିଏ ଦିନ ପାଳିତ ହେଉଥିବା ବେଳେ ରଜପର୍ବ ମୁଖ୍ୟତଃ ତିନିଦିନ ପାଳିତ ହୁଏ । ମିଥୁନ ସଂକ୍ରାନ୍ତିର ପୂର୍ବଦିନହିଁ ପହିଲି ରଜ, ସଂକ୍ରାନ୍ତିହିଁ ମଧରଜ ଏବଂ ସଂକ୍ରାନ୍ତି ବାସୀକୁ ଭୂଇଁ ନହଣ ବା ଭୂମି ଦହନ କୁହାଯାଏ । ରଜପୂର୍ବଦିନକୁ ସଜବାଜ ଦିନବୋଲି କୁହାଯାଏ । ସ୍ଥଳ ବିଶେଷରେ ଏହାକୁ ପାଣିବସା' ବା 'ପାଣିଅଣା' ବୋଲି କୁହାଯାଏ । ରଜବାସି ଅର୍ଥାତ ମିଥୁନ୍ ୩ୟ ଦିନକୁ ପଞ୍ଚମରଜ ବା ବସୁମତୀ ସ୍ନାନ ବୁଡ଼ କୁହାଯାଏ । ଏମିତିରେ ରଜ ପାଞ୍ଚଦିନ ବୋଲି ମଧ୍ୟ ଧରାଯାଏ। ରଜ ତିନିଦିନ ନାରୀମାନଙ୍କୁ ଗୃହକର୍ମ ଜନିତ ଶ୍ରମରୁ ନିବୃତ୍ତି ଦିଆଯାଉଥବବାରୁ 'ସଜବାଜ' ଦିନ ସ୍ତ୍ରୀଲୋକମାନେ ରଜ ତିନିଦିନ ପାଇଁ ସମସ୍ତକାମ ଯଥା ପରିବାକଟା, ବଛାକୁଟା, ପାଣିଅଣା, ବଟାବଟି, ମସଲାପ୍ରସ୍ତୁତି ରଜମୁଢ଼ି ଇତ୍ୟାଦି ଭଜାଭଜି, ପିଠାପାଇଁ ବଟାବଟି ଏବଂ କିଛି ପିଠାପଣା ଛଣା ଛଣିକରି ରଖି ଦେଇଥାଆନ୍ତି ।

ବାଳିକା, କିଶୋରୀ, ତରୁଣୀ, ଭୁଆସୁଣୀ ବା ବିବାହିତ । ନାରୀମାନଙ୍କ ପାଇଁ ଏହା ଏକ ଆନନ୍ଦର ପର୍ବ। ସେମାନେ ନିଜକୁ ନୂଆବସ୍ତ୍ରରେ ସୁନ୍ଦରଭାବରେ ସଜାଇ, ଅଳଙ୍କାରରେ ଭୂଷିତ କରାଇ, ପାରମ୍ପରିକ ହଳଦୀରେ ମୁହଁ ମାଖି, କଜ୍ୱଳରେ ଆଖିକୁ ରଂଜିତ କରି, ଗୋଡ଼ରେ ଅଳତା ଲଗାଇ ଅଥବା ଆଧୁନିକ ପ୍ରସାଧାନ ସାମଗ୍ରୀରେ ମାଖିମୁଖି ନିଜକୁ ଲୋଭନୀୟ ଶୋଭନୀୟ, ଆକର୍ଷଣୀୟ ଓ ଗ୍ରହଣୀୟ ପାଇଁ ଦେଖାଇ ହେଉଥାନ୍ତି ।

ଏହି ତିନିଦିନ ଝିଅ ବୋହୂମାନେ ବିଶେଷକରି ନିତିଦିନିଆ ଆହାର ଭାତଡ଼ାଲି ଉପରେ ନିର୍ଭର ନକରି ପିଠାପଣା ଓ ଫଳମୂଳ ଉପରେ ନିର୍ଭର କରିଥାନ୍ତି । ପିଠାଭିତରେ ପୁରଦିଆ ରଜମଣ୍ଡା, ରଜକାକରା, ରଜଏଣ୍ଡୁରୀ, ରଜର ଛେନା ଓ ଲାଉପୋଡ଼, ରଜଆରିଶା ଇତ୍ୟାଦି ପ୍ରଧାନ। ଫଳରେ ଆମ୍ବ, ପଣସ, ସପୁରୀ, ଲିଚୁ, ସପେଟା ଓ କଦଳୀ ଇତ୍ୟାଦି ପ୍ରଧାନ । ସେମିତିରେ ରଜପଣା, ରଜ ଘୁଗ୍ନି । ବୋହୂଘରୁ ଆସିଥିବା ରଜଭାର ଯାହାକି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ, ତହିଁକୁ ଅଦା, ଯୁଆଣି, ଗୁଜୁରାତି ଓ ଲବଙ୍ଗ ଦିଆ ମୁଆଁ ଭୂଜାରୁ ଆରମ୍ଭକରି ଯାହାକିଛି, ସବୁର ସ୍ୱତନ୍ତ୍ରତା ଅଛି । ପରିବାରର ପୁରୁଷ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ପାଇଁ ମାଛ ମାଂସ



ତରକାରୀର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଥାଏ । ରଜର ବଡ଼ ସୁଆଦିଆ ମୁଖବାସ:ରଜପାନ । ଏକଥା ଆମେ ଜାଣିଛେ ଯେ, ଝିଅଟିଏ ପ୍ରଥମକି ଋତୁମତୀ ହେଲେ, ସେ ତିନିଦିନ ପାଇଁ ପୂର୍ଣ୍ଣ ବିଶ୍ରାମରେ ରୁହେ। ଗାଧୋଇବା ଦିନ ବନ୍ଧୁବାନ୍ଧବଙ୍କୁ ଲୋଡ଼ାଯାଏ, ଭୋଜିଭାତ ହୁଏ । ତାହାହିଁ ହୁଏ ରଜରେ । ଘରକୁ ଘର ବନ୍ଧୁବାନ୍ଧବ ଧରି ବୁଲାବୁଲି, ଖିଆପିଆ ଓ ପିଠାପଣା ଦେଣ ନେଣ ହୁଏ। କେହି କେହି ଦେଶରୁ ଭ୍ରମଣ ବା ତୀର୍ଥଭ୍ରମଣରେ ବି ଯାଆନ୍ତି । କେହିକେହି ଝିଅ ଜୋଇଁକୁ ନିମନ୍ତ୍ରଣ କରିଥାନ୍ତି ବା ଜୋଇଁ ଡ଼ାକରା କରନ୍ତି। ରଜରେ ନାରୀ ଜାତିପ୍ରତି ବହୁ କଟକଣା ଅଛି। ଯେମିତି କଦଳୀ ବାସୁଙ୍ଗା ଅଥବା ଗୁଆ ଖୋଳପା ଲଗାଇ ଚାଲିବା, ସଂଧ୍ୟା ପୂର୍ବରୁ ଖାଇବା, ଅନୂଢ଼ା କୁମାରୀମାନେ ରଜସ୍ୱଳା ହେଲେ ପିଠା ଓ ଫଳଖାଇ ଆଗାମୀ ନାରୀତ୍ୱର ତାଲିମ ନେବା ଇତ୍ୟାଦି ବହୁକଥା ଅଛି । ସବୁଠୁ ବଳାଏ ମନୋରଞ୍ଜନ କାର୍ଯ୍ୟକ୍ରମ । ବିଶେଷକରି ବୟସ୍କମାନେ ଏହି ତିନିଦିନ ତାସ୍, କ୍ୟାରମ୍, ପଶା ଇତ୍ୟାଦିରେ ମାତିଥିବା ବେଳେ କିଶୋର ମାନେ ଗାଁ ଦାଣ୍ଡରେ ବାଗୁଡ଼ି ତ', ଯୁବକମାନେ ନାଟ, ତାମସା, ପାଲା, ସୁଆଙ୍ଗ, ଦାସକାଠିଆ ବା ଥିଏଟର ନେଇ ବ୍ୟସ୍ତ ଥାଆନ୍ତି। ସବୁଠୁ ବଳାଏ କୁମାରୀମାନଙ୍କ ଦୋଳିଖେଳ ସଂଗକୁ ଦୋଳିଗୀତ ଯାହାକି ବେଶ୍ ଉପଭୋଗ୍ୟ । କପାଳରେ ଚନ୍ଦନ ଓ ଅଗୁରୁର ଟିପାମାରି, ପାଟିରେ ପାନଜାକି, ଓଷ୍ଠରେ ଲିପଷ୍ଟିକ୍ ଦେଇ, ନିଜକୁ ସଜେଇ, ଦୋଳିରେ ବସାଇ ଓ ଉସାଇ ଯେଉଁ ମନମତାଣିଆ ଗୀତ ଗାଆନ୍ତି, ସେଥିରୁ କିଛି ଏଠାରେ ଉପସ୍ଥାପନା କଲୁ ।

ବନସ୍ତେ ଡ଼ାକିଲା ଗଜ, ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ ।
ରଜ ଦୋଳି କଟକଟ, ମୋଭାଇ ମୁଣ୍ଡରେ ସୁନା ମୁକୁଟ, ଦିଶୁଥାନ୍ତି ଝଟଝଟ ।
ଢେମଣା ଛାଡ଼ିଲା କାତି, ପୁରୁଷସିନାଲୋ ଭ୍ରମର ଜାତିଲୋ, ନୂଆ ଖୋଜୁଥାନ୍ତି ନିତି ।
ବାଜିଲା ତେଲିଙ୍ଗିବାଜା ରସିକ ଯେ ଜାଣେ, ସ୍ନେହର ମଜାଲୋ ସେ ସିନା ମୋମନରଜା ।
କାଳୀଗାଈ ଦୁଗ୍ଧ କ୍ଷୀରୀ, ନୂଆପୀରତିରେ ମଉଜ ଭାରି ଗୋ ପୁରୁଣାଟି ନିମ୍ବପରି ।

ନିମ୍ବର ବୁକେ ଚନ୍ଦନ, ଦେବତାଗଢ଼ିଲା ନାରୀ ଜୀବନ ଲୋ ଦେଲା ତହିଁ ଯଉବନ ।
ସାଉଁଟିଲି ବିଲ ଘଷି, କିମ୍ପାଇ ରାଧିକା ବସିଲା ଋଷିଲୋ, ଫୁଲଶେଯ ହେଲା ବାସି ।
ମଇଁଷି ସିଙ୍ଗରେ ଖସା, ମଉସା ପୁଅଟା ଏଡ଼େ ସାହସା ଲୋ, ମୋତେ କଲା ଲୋକ ହସା ।
ବଇଁଶୀ ବାଜିଲା କୁଞ୍ଜେ ବଡ଼କଥା ବଡ଼ ଘରକୁ ସାଜେଲୋ, । ଛୋଟଙ୍କର ଛାଟ ବାଜେ'।
ଜାରା ମାରିଦେଲା ବାଣ, ଯାହାଠାରେ ଯା'ର ମିଶିଛି ମନଲୋ, ସେହିଜାଣେ ତା'ର ଗୁଣ ।
ବାଉଁଶ ପତର ସରୁ, ତୋତେ ନେଇଯିବି ସମ୍ବଲ ପୁରୁଲୋ, ଧାନ କଟା କଟି ସରୁ।

ପ୍ରେମ, ପ୍ରଣତି, ପ୍ରୀତି, ପ୍ରତାରଣା, ପ୍ରତୀକ୍ଷା, ଶଙ୍କା, ଆଶଙ୍କା, ଭୀତି, ଭ୍ରମ ଏବଂ ଶଠତା ଇତ୍ୟାଦିକୁ ନେଇ ଗଢ଼ିଉଠିଛି ଏଇ ରଜଦୋଳି ଗୀତ । ବେଳେବେଳେ ଏଥିରୁ କିଛି କଟୁକ୍ତି ହେଲେହେଁ, ଏମାନେ ଯେ ସତ୍ୟ ଉପରେ ଆଧାରିତ ଏବଂ ଶ୍ରୁତି ମଧୁର ଏକଥା କେହି ଅସ୍ୱୀକାର କରିବେନାହିଁ । ଏଦୋଳିଗୀତ ଗୁଡ଼ିକ କିଛି କବିଙ୍କ ଦ୍ୱାରା ସୃଷ୍ଟି ହେଲେହେଁ, ଦୋଳିଖେଳବେଳେ ଆବେଗ ଓ ଉତ୍କଣ୍ଠାକୁ ନେଇ ଏଗୁଡ଼ିକ କିଶୋରୀ ବା ନାରୀକଣ୍ଠର ସ୍ୱତଃସ୍ଫୁର୍ତ୍ତ ତତ୍‌କ୍ଷଣିକ ସୃଷ୍ଟି । ରଜଦୋଳି ଖେଳ ସହିତ କୁମାରୀ କନ୍ୟାମାନଙ୍କର ଅନ୍ୟ ଖେଳଗୁଡ଼ିକ ହେଲା ପୁଚି, ଦଉଡ଼ି ଡ଼ିଆଁ, ଚକଚକା ଭଉଁରୀ, ଗୋଡ଼ି ବା ଟାକୁଆ ଘର ଖେଳ । ରଜ ଦୋଳିଗୀତି ପରି ଏଗୁଡ଼ିକର ସ୍ୱତନ୍ତ୍ର ଗୀତ ଅଛି ଯେମିତି : ଠିଆ ପୁଚିନାରଙ୍ଗ, ଗୋଡ଼ଦିଟା ସାରଙ୍ଗ..... ଇତ୍ୟାଦି ।

ରଜ ତିନିଦିନ ଯଥାବିଧି ପାଳନ କରାଯାଏ । ରଜବାସୀ ବସୁମତୀ ସ୍ନାନ ବା ଠାକୁରାଣୀ ବୁଡ଼ । ଏହି ଦିନ ଭୂମି ଉପରେ ଖଣ୍ଡିଏ ଯାଗା ଚିକକ୍‌ଣ କରି ଗୋବରରେ ଲିପି ହଳଦୀ ପାଣି ସିଞ୍ଚନ କରାଯାଏ । ତା'ଉପରେ ଅଗୁର, ଚନ୍ଦନ ଓ କଜ୍ୱଳ ଇତ୍ୟାଦି ଦେଇ ପ୍ରକୃତି ମାତାକୁ ରୂପାୟିତ କରାଯାଏ ଏବଂ ପିଢ଼ାଉପରେ ଯଥା ସାମଗ୍ରୀ ରଖି ପୂଜାକରାଯାଏ । ସେଦିନ ପାହାନ୍ତାରୁ ଉଠି କାନ୍ଥରେ ଚକ୍‌ଖଡ଼ିଗାର ଏବଂ ଘରର ବାହ୍ୟ ପରିବେଶକୁ ଗୋବରରେ ଲିପି ବା ଗୋବର ପାଣି ଛିଞ୍ଚି ଶୁଦ୍ଧି କରାଯାଏ । ବିଶ୍ୱାସ, ଏପରି କରିବା ଦ୍ୱାରା ଘରେ ଲମ୍ବା ଜନ୍ତୁ ପଶିବେ ନାହିଁ ।

କୁହାଯାଇଛି: ଯଥା ଦେହେ ତଥା ଦେବେ । ଜଗନ୍ନାଥ ଓଡ଼ିଆ ଜାତିର ଆରଧ୍ୟ ଲୌକିକ ଦେବତା । ଓଡ଼ିଆ ହିନ୍ଦୁ ପରିବାରର ସମସ୍ତ ନୀତି, ନିୟମ, ପରମ୍ପରା ଓ ଚଳଣି ଜଗନ୍ନାଥ ସଂସ୍କୃତି ସହିତ ନିହିତ । ଏଣୁ ଜଗନ୍ନାଥଙ୍କ ପାଇଁ ଯାହା ସତ୍ୟ ଏ ଓଡ଼ିଆ ପାଇଁ ତାହାହିଁ ସତ୍ୟ । ଜଗନ୍ନାଥ ମଧ୍ୟ ଏ ସଂକ୍ରାନ୍ତି ଚଳନ ଓ ଗ୍ରହକୁଟର ଶିକାର ହୁଅନ୍ତି ଠିକ୍ ଆମପରି । ମିଥୁନ ସଂକାନ୍ତି ଚଳଣରେ ମଧ୍ୟ ସେହିପ୍ରଭାବଥାଏ । ଗ୍ରହମାନଙ୍କର କୁପ୍ରଭାବ ପାଇଁ ମନ୍ଦିରରେ ମଧ୍ୟ ପୂଜାପାଠ ହୁଏ ଏବଂ ଅନୁରୂପ ଉତ୍ସବ ପାଳିତ ହୁଏ । ରଜ କେବଳ ଚିତ୍ତଭିନୋଦନକାରୀ ଏକ ପର୍ବ ନୁହେଁ । ଏହା ସହିତ ପ୍ରକୃତି ଉପାସନା, ଈଶ୍ୱରବିଶ୍ୱାସ ଧର୍ମ ଦର୍ଶନ, ସାହିତ୍ୟ ସଂସ୍କୃତି ଓ ବିଜ୍ଞାନ ନିହିତ ଅଛି । ମାଟିବିନା ଜୀବନ ବିପର୍ଯ୍ୟସ୍ତ। ଏଣୁ ମାଟିହିଁ ପୂଜ୍ୟ । ଏହାହିଁ ପ୍ରକୃତିପୂଜା । ପୂଜା ଏକ ଧର୍ମ-ଧାରଣାର ପାରମ୍ପରିକ ଈଶ୍ୱର ବିଶ୍ୱାସ, ରଜପାଳନର ସମସ୍ତ




ନିହିତ ସତ୍ୟହିଁ, ଏହାର ଦର୍ଶନ, ରଜସ୍ୱଳା ନାରୀକୁ ସ୍ପର୍ଶ ନକରି ବନାମ ମାଟିମା'କୁ କର୍ଷଣ ନକରିବା, ଋତମତୀ ଦିବସପରେ ସ୍ନାନ କରିବା, ହଳଦୀ ଓ ଅନ୍ୟାନ୍ୟ ପ୍ରାକୃତିକ ପ୍ରସାଧନ ବ୍ୟବହାର କରିବା, ଏ ସବୁକିଛି ସ୍ୱାସ୍ଥ୍ୟ ପ୍ରଦାୟକ । ସେମିତି ସାପୁଆ ଗୋବର ଲିପା ବା ଗୋବରପାଣି ପକାଇବା ଇତ୍ୟାଦି ବିଜ୍ଞାନ ସମ୍ମତ କାରଣ ଏହାଦ୍ୱାରା ସାପ ବର୍ଷାଦିନେ ଗାତରେ ପଶେ ନାହିଁ ଯେତେବେଳ ତା' ଗାତରେ ପାଣି ପଶିଥାଏ । ଗୋବରରେ ନାଇଟ୍ରିକ ଏସିଡ଼ି ଥାଏ ଯାହାର ବାସ୍ନାରେ ସାପ ଘରେ ପଶେ ନାହିଁ । ସେହିପରି ଚକଖଡ଼ି ଏକ ବିଶୋଧକ ନିବାରକ । ରଜର ଦୋଳିଗୀତ, ସୁଆଙ୍ଗ, ଦାସକାଠିଆ, ପାଲା, ଓ ଥିଏଟର ଇତ୍ୟାଦି ଆମ ସାହିତ୍ୟ, ଶିଶୁ ସାହିତ୍ୟ ବା ଲୋକ ସାହିତ୍ୟ, ଖେଳକୁଦ ଇତ୍ୟାଦି ଶାରୀରିକ ବ୍ୟାୟମ। ଫଳଭକ୍ଷଣ ପ୍ରକାରନ୍ତରେ ଉପାସ ସ୍ୱାସ୍ଥ୍ୟପ୍ରଦାୟକ, 'ଆନନ୍ଦମହୋତ୍ସବ' ସାମାଜିକ ଚଳଣି, ଏକତା, ଭାତୃଭାବ ଓ ବନ୍ଧୁତ୍ୱର ନିଦର୍ଶନ । ଏଣୁ ଏମିତି ଦେଖିଲେ ରଜର ବହୁମୁଖୀ ପ୍ରଭାବ ଅଛି। ରଜ ଓଡ଼ିଶା ଓ ଓଡ଼ିଆ ହିନ୍ଦୁଜାତିର ଜାତୀୟ ପର୍ବ । ଯିଏ ଯୁଆଡ଼େ ଥାଆନ୍ତୁ ନା' କାହିଁକି, ଏହି ରଜ ତିନିଦିନ ସମସ୍ତେ ଘରକୁ ଫେରନ୍ତି ଏବଂ ସପରିବାରେ ଓ ସବାନ୍ଧବେ, ଆତ୍ମୀୟମାନଙ୍କ ଗହଣରେ କଟାନ୍ତି ରଜ; କରନ୍ତି ମଉଜ ଏବଂ ହୁଅନ୍ତି ନାନା ସଜବାଜ। ଦୁଃଖ ଯେ, ଆଉ ସେକାଳ ପଖାଳ ନାହିଁ।



ଏବେ ସବୁ କୃତ୍ରିମ। ଗାଁରେ ଆଉନାହିଁ ଆମ୍ବତୋଟା; ନାହିଁ ଦୋଳି ଖେଳ ଓ ଦୋଳିରୀତ। ମଉଜ ମଜଲିସ୍ କଥା ଛାଡ଼। ନାଚ ଗୀତସୁଆଙ୍ଗ ଓ ପାଲା ଇତ୍ୟାଦି ଏବେ ଯେମିତି ମଇଳା ପାତ୍ରରେ । ଘରେ ଘରେ ବାପପୁଅରେ, ଭାଇଭାଇରେ, ବନ୍ଧୁବାନ୍ଧବରେ ସଂପର୍କରେ ତିକ୍ତତା; କୃଷି ଏବେ ଅଣଦେଖା। ଗ୍ରାମ୍ୟ ପରିବେଶ ପ୍ରଦୂଷିତ; ଅବକ୍ଷୟ ସଂସ୍କୃତି ଓ ପରମ୍ପରା। ସତେକ'ଣ ସବୁଦିନ ପାଇଁ ଏହା ପାଲଟି ଯିବ ଆକାଶୀ କୁସୁମ! ତଥାପି ସେହି ପୁରୁଣା ଗୀତର ସ୍ୱର ନିନାଦି ଉଠେ ହୃଦତନ୍ତ୍ରୀରେ: ବନସ୍ତେ ଡ଼ାକିଲା ଗଜ....।


**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଜୁନ୍ ୧୫**

# ଗଣପର୍ବ ରଜରେ ସାମାଜିକ ଚିତ୍ର



ଉତ୍କଳୀୟ ପରମ୍ପରାରେ ଯେତେ ସବୁ ପର୍ବ ପାଳିତ ହୋଇଆସୁଛି ସେ ସବୁରେ ରହିଛି ସାମାଜିକ ଉପଯୋଗିତା । ଏଗୁଡିକ ସାମାଜିକ ଐତିହ୍ୟ, ଭ୍ରାତୃତ୍ୱର ବିକାଶ, ବନ୍ଧୁତ୍ୱ ସ୍ଥାପନ, ପାରସ୍ପରିକ ବୁଝାମଣା ଓ ଭାବର ଆଦାନ ପ୍ରଦାନ କ୍ଷେତ୍ରରେ ସହାୟକ ହୋଇଥାଏ । ଏଥିସହିତ ଓଡିଶାରେ ପାଳନ କରାଯାଉଥିବା ଅନେକ ପର୍ବ ତତ୍ତ୍ୱ ସମ୍ବଳିତ ଓ ଧାର୍ମିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ । ଆମ ସଂସ୍କୃତି, ପରମ୍ପରା ଓ ଜୀବନଧାରାର ନିଚ୍ଛକ ରୂପଟିଏ ହେଉଛି ରଜ ପର୍ବ । ମାଆ-ମାଟି, ମାଟିର ମଣିଷ ଓ ପ୍ରକୃତି-ମାଆର ମିଳନ ପର୍ବ ହେଉଛି ରଜ ପର୍ବ । ଆମ ରାଜ୍ୟରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ଏହା ଏକ ପ୍ରମୁଖ ପର୍ବ । ତେଣୁ ଏହାକୁ 'ପାର୍ବଣର ରାଣୀ' ବୋଲି କୁହାଯାଏ । ତେଣୁ, ଏହି ଗଣପର୍ବ ରଜକୁ ଓଡିଶା ବାସୀ ଉତ୍କଣ୍ଠା ଓ ଆବେଗର ସହ ଅପେକ୍ଷା କରିଥାନ୍ତି । ଏହି ପର୍ବଟି ମୁଖ୍ୟତଃ ଝିଅମାନଙ୍କ ପର୍ବ । ତଥାପି ପୁଅମାନେ ମଧ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ରଜଦୋଳି ସହିତ ରଜଗୀତର ମଜା ନିଆରା । ରଜଦୋଳିରେ ବସିବାମାତ୍ରେ ପ୍ରତ୍ୟେକ ଓଡିଆ ଝିଅଙ୍କ କଣ୍ଠରୁ ଆପେଆପେ ବାହାରି ଆସେ- *"ବନସ୍ତେ ଡାକିଲା ଗଜ/ବରଷକେ ଥରେ ଆସିଛି ରଜ/ଆସିଛି ରଜ ଲୋ...ଘେନି ନୂଆ ସଜବାଜ ।"*

ଉତ୍କଳୀୟ ପରମ୍ପରାରେ ବାରମାସରେ ତେରପର୍ବ ପାଳନ କରାଯାଏ । ଓଡିଶାର ପର୍ବପର୍ବାଣି ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ । ଏପରି ଏକ ପର୍ବ ହେଉଛି ରଜ, ଯାହା ମାଟିସହ ମଣିଷକୁ ଯୋଡିଥାଏ । କାରଣ କନ୍ୟାଟି ରଜୋବତୀ ହେଲେ



ଯେପରି ଭାବରେ ବ୍ୟବହାର ପାଇଥାଏ, ଠିକ୍ ସେହିପରି ଏହି ରଜପର୍ବରେ ଆମର ଧରଣୀମାତାଙ୍କୁ ବ୍ୟବହାର ଦେଖାଯାଏ । ତେଣୁ ରଜସ୍ୱଳା ନାରୀ ପରି ମାଟି ମା'ଙ୍କୁ ଏହି ସମୟରେ ବିଶ୍ରାମ ଦିଆଯାଏ । ଉଦ୍ଦେଶ୍ୟ ହେଲା, ନାରୀମାନେ ରଜସ୍ୱଳା ହେବାପରେ ଯେପରି ସନ୍ତାନ ସୃଷ୍ଟିପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢ଼ର ବାରିପାତରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ । ଆଷାଢ଼ ମାସର ପ୍ରଥମ ଦିନଟି ରଜସଂକ୍ରାନ୍ତି । ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂଇଁ ନାଁଶ ବା ଭୂମି ଦହନ କୁହାଯାଏ । ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ ପରେ ଏହି ପର୍ବଟି ଶେଷ ହୁଏ । ରଜପର୍ବରେ ପୋଡପିଠାର ମଜା ନେବାକୁ କେହି ଭୁଲନ୍ତି ନାହିଁ । ଘରେ ଘରେ ରଜପୋଡପିଠା ପ୍ରସ୍ତୁତ ହୁଏ । ଏଇ ପୋଡପିଠା ବେଶ୍ ରୁଚିକର । ପିଠା ତିଆରି କରାଯାଇ ବନ୍ଧୁବାନ୍ଧବ ଓ ସାଇପଡିଶାଙ୍କୁ ଦିଆଯାଇଥାଏ । ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏହି ପୋଡପିଠା ସବୁଦିନ ଭୋଗ ହେବାର ବିଧି ଅଛି । ସେହିଭଳି ନବ ବିବାହିତ ଝିଅମାନଙ୍କୁ ଶାଶୁଘରୁ ରଜଭାର ଆସିଥାଏ । ରଜପର୍ବରେ ରଜପାନ ନଥିଲେ ସବୁକିଛି ମାଦା ମାଦା ଲାଗେ । ମୁଖ୍ୟତଃ ରଜରେ କେହି କୁଣିଆ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି । ସେ ଛୋଟ ଝିଅଟିଏ ହେଉ କି ପରିଣତ ବୟସରେ ଉପସ୍ଥିତ ହୋଇଥିବା ବୁଢାବୁଢୀ- ସମସ୍ତଙ୍କ ପାଟିରେ ରଜପାନ । ତାସଖେଳ ହେଉ କି ଲୁଡୁଖେଳ, ସବୁଠି ରଜପାନର ଆସର । ରଜଦୋଳି ଯେପରି ଝିଅମାନଙ୍କ ପାଇଁ ଉଦିଷ୍ଟ, ସେହିପରି ପୁଅମାନେ ରଜରେ କବାଡି ଖେଳିବା ପରମ୍ପରା କାହିଁ କେତେକାଳରୁ ଚଳିଆସୁଛି ।

ରଜ ହେଉଛି ଏକ ଆନନ୍ଦଦାୟକ ପର୍ବ । ଆବାଳବୃଦ୍ଧବନିତା ସମସ୍ତଙ୍କ ମନପ୍ରାଣରେ ଏହା ଉଲ୍ଲାସ ଭରିଦିଏ । ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରଜପର୍ବ ପୂର୍ବ ଓଡିଶାରେ ତିନିଦିନଧରି ପାଳନ କରାଯାଉଥିବାବେଳେ ପଶ୍ଚିମ ଓଡିଶାରେ ଏହା ପାଞ୍ଚଦିନ ଧରି ପାଳନ କରାଯାଏ । ତେଣୁ ଏହାକୁ ପଞ୍ଚପର୍ବ ବୋଲି ମଧ କୁହାଯାଏ । ଏହି ପର୍ବ ଖାଲି ଓଡିଶାରେ ନୁହେଁ, କେରଳରେ ଓନମ ଓ ରାଜସ୍ଥାନରେ ତାଜ ପର୍ବ ଭାବରେ ପାଳନ କରାଯାଏ । ସେ ଦୃଷ୍ଟିରୁ ରଜପର୍ବକୁ ଏକ ଅବସର ବିନୋଦନର ପର୍ବ କହିଲେ ଭୁଲ୍ ହେବନାହିଁ । ଅପରପକ୍ଷରେ ଏହା କୃଷିବର୍ଷର ଆରମ୍ଭକୁ ସ୍ୱାଗତ କରିଥାଏ । ପ୍ରଚଣ୍ଡ ରୌଦ୍ରତାପ ପରେ ରଜପର୍ବ ଆଦ୍ୟଆଷାଢ଼ରେ ସ୍ୱର୍ଗରେ ବର୍ଷାର ବାର୍ତ୍ତା ବହନ କରିଆଣିଥାଏ ।

ଓଡିଆ ସଂସ୍କୃତି ଓ ପରମ୍ପରାରେ ଏକ ନିଚ୍ଛକ ପ୍ରତିଛବି ହେଉଛି ରଜ । କିନ୍ତୁ ଆଧୁନିକତାର ଛାପରେ ଧୀରେ ଧୀରେ ଏହି ଗଣପର୍ବ ତା'ର ବିଶେଷତ୍ୱ ହରାଇବାକୁ ବସିଲାଣି । ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶ ସାଙ୍ଗକୁ ଅବକ୍ଷୟମୁଖୀ ସଂସ୍କୃତି ଭିତରେ ରଜପର୍ବ ହଜିଯିବାକୁ ବସିଲାଣି । ବିଦେଶରେ ବା ସହରରେ ରହୁଥିବା ଲୋକମାନେ ଏବେ ରଜରେ ଗାଁକୁ ଆସିବାକୁ ଆଗ୍ରହ ଦେଖାଉନାହାନ୍ତି । ଟେଲିଭିଜନ, କମ୍ପ୍ୟୁଟର ଓ ମୋବାଇଲର ଯୁଗରେ ତଥା କ୍ରିକେଟ୍ ଖେଳର ପ୍ରଚାର ଓ ପ୍ରସାରର ଭିଡ ଭିତରେ ଆଉ ପୂର୍ବଭଳି କବାଡି ଓ ବାଗୁଡ଼ି ଖେଳ ଦେଖିବାକୁ ମିଳୁନି । ଆଜିର ଆଧୁନିକ ନାରୀମାନେ ରଜ ସମୟରେ ଚୁଲିରେ କଡ଼ାଇ ପଡ଼ରେ ପୋଡପିଠା ପ୍ରସ୍ତୁତ କରିବା ଅପେକ୍ଷା ଓଭନରେ କାଜୁ, କିସ୍‌ମିସ୍‌ଦିଆ କେକ୍ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆଜିର ପାଠୋଇ ଝିଅମାନେ ରଜରେ ଗାଁ ବରଗଛରେ ଦୋଳି ଖେଳିବା ଅପେକ୍ଷା ପାର୍କରେ ଲାଗିଥିବା ଦୋଳିକୁ ଅଧିକ ପସନ୍ଦ କରୁଛନ୍ତି । ଆଉ ରଜଦୋଳି ଗୀତ କଥା ନକହିବା ଭଲ । ଆଜି କିନ୍ତୁ ସେ ଦୋଳି ନାହିଁ କି ସେ ଗୀତ ନାହିଁ । କୁଆଁରୀ କଣ୍ଠରୁ ଆଉ ଶୁଣାଯାଉନି... *"ରଜଦୋଳି କଟମଟ/ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ସୁନାମୁକୁଟ ଲୋ...ଦିଶୁଥାଏ ଝଟଝଟ ।"*

ଏବେ ଚିନ୍ତା କରିବାର ବେଳ ଆସିଛି । ଅପସଂସ୍କୃତିର ପଞ୍ଝାପଲିରୁ ଆମ ସଂସ୍କୃତି ଓ ପରମ୍ପରାକୁ ଉଦ୍ଧାର କରିବାକୁ ହେବ । ଏହିସବୁ ପରମ୍ପରା ଓ ପ୍ରଥାକୁ ଉଜ୍ଜୀବିତ କରି ରଖିବାକୁ ହେବ । ଅବଶ୍ୟ ଏବେ ଗାଁଗଣ୍ଡା ଓ ସହରର କେତେକ ସ୍ଥାନରେ ରଜପର୍ବକୁ ଉଜ୍ଜୀବିତ କରି ରଖିବାପାଇଁ ପ୍ରୟାସ ଆରମ୍ଭ ହୋଇଛି । କେତେକ ସଂଗଠନ ଏଥିପାଇଁ ଆଗେଇ ଆସିଛନ୍ତି । ଓଡିଶାର ସଂସ୍କୃତିକୁ ବଜାୟ ରଖିବାପାଇଁ ସେମାନଙ୍କ ତରଫରୁ ପୋଡପିଠା, କବାଡି, ରଜଦୋଳି, ଗୀତ, ତାସଖେଳ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରାଯାଉଛି । କିଛି ପରିମାଣରେ ଏହା ଆମ ହଜିଯାଉଥିବା ପରମ୍ପରାକୁ ରକ୍ଷାକରିବାରେ ସକ୍ଷମ ହୋଇପାରିଛି । ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର । ମାତ୍ର ଏହି ଅଭିଯାନରେ ଆମେ ସମସ୍ତେ ସାମିଲ୍ ହେବା ଦରକାର । ତା'ହେଲେ ଯାଇ ଆମେ ଆମର ମହାନ୍ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିପାରିବା ।

**ହିମାଂଶୁ ଶେଖର ଆର୍ଯ୍ୟ**, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

# କରୋନା ପରବର୍ତ୍ତୀ ଅଣଆନୁଷ୍ଠାନିକ ଶିକ୍ଷା ପରିପ୍ରେକ୍ଷୀରେ...

**ଲୋକନାଥ ପଣ୍ଡା**



ତୁଳସୀ ମାଣ୍ଡାଙ୍ଗୀ, ପରିବେଶର ମାଆ । ତୁଳସୀ ପାଠ ପଢ଼ିନାହାନ୍ତି । ଓଡ଼ିଆ ବୁଝିପାରୁଛନ୍ତି କିନ୍ତୁ ଓଲଟାଇ କହିବାରେ ସଂକୋଚ କରୁଛନ୍ତି । ଆଲୋଚନା ପ୍ରସଙ୍ଗରେ ସେ ନିଜ ଭାଷାରେ କହୁଥିଲେ, ତାଙ୍କର ପୁଅ ପରବେଶ ଖୁସୀରେ ଶିକ୍ଷା କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଛି, ସେ ଦୃଷ୍ଟିରୁ ସେ ବେଶ୍ ଖୁସୀ । କିନ୍ତୁ କେଉଁ ଶ୍ରେଣୀରେ ପଢୁଛି, ସେ ଜାଣିନାହାନ୍ତି । ପରବେଶ ମାଣ୍ଡାଙ୍ଗୀ ମଧ୍ୟ ତାଙ୍କର ପାଠପଢ଼ା ପାଇଁ ଖୁସି । ରୋହିତ ମାଣ୍ଡାଙ୍ଗି, ପଞ୍ଚମ ଯାଏ ପାଠ ପଢ଼ିଛି । ଗତ ତିନି ଚାରି ବର୍ଷ ହେଲା ସ୍କୁଲ ମାଡୁନି । ଡଙ୍ଗର କାମ କରୁଛି । ହଳ କରୁଛି । ଦିନରେ ଚାଷ କରିବାକୁ ଯାଉଛି । ପଞ୍ଚମ ଯାଏ ଗାଁ ସ୍କୁଲରେ ପାଠ ପଢୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ପାଠ ଭୁଲି ଯାଇଥିଲା । ଗତ ୬ ମାସ ହେବ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାଠ ପଢ଼ିବା ପାଇଁ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଧିରେ ଧିରେ ବହି ପଢ଼ିପାରୁଛି । କସ୍ତୁରୀ ମାଣ୍ଡାଙ୍ଗୀ । ପାଖାପାଖି ୧୩ରୁ



୧୪ ବର୍ଷ ହେବ । ପାଞ୍ଚ ଯାଏ ପାଠ ପଢ଼ିଛି । ଗାଁ ସ୍କୁଲରେ ପଞ୍ଚମ ଯାଏ ପାଠ ପଢ଼ିଥିଲା, ଏହାପରେ ଆଉ କୌଣସି ବିଦ୍ୟାଳୟ ମାଡ଼ିନି । ସେ ପୁଣି ଛଅମାସ ହେଲା ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଦିନରେ ମା ସହିତ ଘର କାମ କରୁଛି । ସ୍ୱପ୍ନ ରହିଛି ବଡ଼ ହେଲେ ଭଲ ଚାଷବାସ କରିବ । ଗୋଷ୍ଠୀ ବିଦ୍ୟାଳୟକୁ ଆସୁଛି ପାଠ ଦୁଇଅକ୍ଷର ପଢ଼ିବା ପାଇଁ ଏବଂ ପାଠକୁ ନଭୁଲିବା ପାଇଁ । ସେହିଭଳି ନାମ ମାଣ୍ଡାଙ୍ଗି । ପଞ୍ଚମ ଯାଏ ପାଠ ପଢ଼ିଛି । ଏହାପରେ ସେ ଆଉ କୌଣସି ବିଦ୍ୟାଳୟକୁ ଯିବା ଭାଗ୍ୟରେ ଯୁଟିନି ! କରୋନାର ଗୋଟିଏ ବର୍ଷ ପୂର୍ବରୁ ବିଦ୍ୟାଳୟ ଯିବା ବନ୍ଦ କରିଛି । ଡଙ୍ଗରକୁ ଯାଉଛି । କ୍ରିକେଟ ଖେଳୁଛି । ଛେଳି, ମଇଁଷି ଚରଉଛି । ହଳ ମଧ୍ୟ କରୁଛି । ଘରେ ରୋଷେଇ ମଧ୍ୟ କରୁଛି । ନାମର ବାପା ନାହାନ୍ତି । ବଡ଼ଭାଇ ଦାଦନ ଖଟିବାକୁ ବାହାରକୁ ଯାଇଛି । ସେ କେଉଁଠିକୁ ଯାଇଛି ଜାଣିନି । ତାଙ୍କ ଘରେ ମାଣ୍ଡିଆ, ଖେଡ୍ ଜହ୍ନା, କୋଶଳା, ଝୁଡୁଙ୍ଗ, କଟିଙ୍ଗ, ଧାନ ଆଦି ଚାଷ କରୁଛନ୍ତି । ଏ ସବୁ ଖାଇବାପାଇଁ ହେଉଛି । ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି, ଚାଟଶାଳୀ ବହି ପଢୁଛି । ଗୀତ ଗାଉଛି । ନାଚ କରୁଛି । ଇଂରାଜୀ ମଧ୍ୟ କିଛି କିଛି ପଢୁଛି ।

ମାଲତି ସାରକା, କରୋନା ସମୟରୁ ବିଦ୍ୟାଳୟ ପାଠପଢ଼ା ଛାଡ଼ିଦେଇଛି । ତା' ମା କହିଲେ, ତୁ ପାଠ ପଢ଼ିଲେ, କିଏ ଘର କାମ କରିବ । ଡଙ୍ଗର ଯାଉଛି । ସକାଳେ ସେ କୋଡ଼ିକରେ ଖୋସୁଛି । ରଞ୍ଜା ଲଗାଉଛି, ହଳ କରୁଛ । ଗାଈ ଚରେଇ ଯାଉଛି । ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଗାମ୍ବା ମାଣ୍ଡାଙ୍ଗି, କୃଷ୍ଣ ମାଣ୍ଡାଙ୍ଗି ଏହିଭଳି କିଛି ଅଧାରୁ ପାଠ ଛାଡ଼ିଥିବା ଶିଶୁ ମଧ୍ୟ ନିୟମିତ ଭାବରେ ହିମରପଡ଼ିରେ ଚାଲିଥିବା ଶିକ୍ଷାକେନ୍ଦ୍ରକୁ ନିୟମିତ ଭାବରେ ଆସୁଛନ୍ତି ଓ ପାଠ ପଢ଼ିବା ଓ ଶିଖିବା ପ୍ରତି ଆଗ୍ରହ ଦେଖାଉଛନ୍ତି ।

ଗାଁର ନାମ ହିମରପଡ଼ି, କୁମ୍ଭିକୋଟା ଗ୍ରାମ ପଂଚାୟତ, ବ୍ଲକ: ରାୟଗଡ଼ା ବ୍ଲକ, ଜିଲ୍ଲା ରାୟଗଡ଼ । ହିମିରିପଡ଼ିରେ ସନ୍ଧ୍ୟାରେ ଚାଲିଥିବା ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ପ୍ରତ୍ୟେକ ଦିନ ତିରିଶିରୁ ଚାଳିଶ ଜଣ ଶିଶୁ ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ଯୋଗ ଦେଉଛନ୍ତି । ସବୁଠାରୁ ବଡକଥା ପଛୁଆ ଗୋଷ୍ଠୀର ହେଲା ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା, ବିଦ୍ୟାଳୟ ଛାଡ଼ିଥିବା ଶିଶୁ ମଧ୍ୟ ଏହି କେନ୍ଦ୍ରରେ ଶିକ୍ଷାଲାଭ ପାଇଁ ଆସୁଛନ୍ତି ।

ଗତ ମାର୍ଚ୍ଚ ୨୦୨୦ରେ ଯେତେବେଳେ ସ୍କୁଲ ଅନିଶ୍ଚିତ ଦିନ ପାଇଁ ବନ୍ଦ ହୋଇଗଲା, ସେତେବେଳେ ଅଭିଭାବକମାନେ ବେଶ୍ ଚିନ୍ତିତ ଥିଲେ । ଯେଉଁ ଶିଶୁମାନେ ଆଶ୍ରମ ସ୍କୁଲରେ ପଢୁଥିଲେ ଏବଂ ଉଚ୍ଚ ଶ୍ରେଣୀରେ ପଢୁଥିଲେ, ସେମାନେ ନିଜର ପାଠପଢ଼ା ସହିତ କିଛି ମାତ୍ରାରେ ଚଳେଇ ନେଲେ । କିନ୍ତୁ ଯେଉଁମାନେ ପ୍ରାରମ୍ଭିକ ସ୍ତରର ଶିଶୁ ଥିଲେ, ଯେଉଁମାନେ ଗତ ଦୁଇ/ତିନିବର୍ଷ ଧରି ବିଦ୍ୟାଳୟ ଆସୁଥିଲେ, ଅକ୍ଷର ଦୁଇପଦ ଓ ସଂଖ୍ୟା ଶିଖି ଆସୁଥିଲେ, ସେମାନଙ୍କର ପାଠପଢ଼ିବାର ଅନେକ ସମସ୍ୟା ଥିଲା ।

ଏହିଭଳି ସମୟରେ ପ୍ରଥମ ଥରର କରୋନାର ସ୍ଥିତି ଆସ୍ତେ ଆସ୍ତେ କମିବା ପରେ ଗ୍ରାମବାସୀ ଅଗ୍ରଗାମୀ, କାଶୀପୁରକୁ ଯାଇ ନିଜ ଗ୍ରାମରେ ଗୋଷ୍ଠୀଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କଲେ । ଇତିମଧ୍ୟରେ ଅଗ୍ରଗାମୀ ତରଫରୁ ଉକ୍ତ




ଗ୍ରାମରେ ଜୈବିକ ପ୍ରଣାଳୀରେ ଚାଷ ପାଇଁ ଗ୍ରାମବାସୀଙ୍କୁ ତାଲିମ ଏବଂ ପ୍ରୋତ୍ସାହିତ କରାଯାଉଥିଲା ଏବଂ ଗ୍ରାମବାସୀ ମାଣ୍ଡିଆଜାତୀୟ ଶସ୍ୟ ଚାଷ କରିବା ସହିତ ଅନେକ ଜୈବିକ ପ୍ରଣାଳୀରେ ଚାଷ ଆପଣେଇଥିଲେ । ଅଗ୍ରଗାମୀ ତରଫରୁ ଏହାକୁ ସ୍ୱୀକୃତି ମିଳିବା ପରେ ଗ୍ରାମବାସୀ ଗ୍ରାମର ପାଠୁଆ ଯୁବକ ଲଦି ମାଣ୍ଡାଙ୍ଗିଙ୍କୁ ଗୁରୁ ଭାବରେ ନିଯୁକ୍ତି କରିବା ପାଇଁ କହିଲେ । ଲଦି ଜଣେ ଗ୍ରାମର ଶିକ୍ଷିତ ଯୁବକ । ଲଦି ମାଣ୍ଡାଙ୍ଗି ଗାଁରେ ପାଠପଢ଼ା ଆରମ୍ଭ କରିବା ସହିତ ନିୟମିତ ଭାବରେ କାଶୀପୁରଠାରେ ସ୍ୱଳ୍ପ ଅବଧି ତାଲିମ ନେଲେ, ଶିକ୍ଷଣ ସାମଗ୍ରୀ ପାଇଲେ ଏବଂ କେନ୍ଦ୍ରକୁ ପ୍ରଥମ କରି ଆସୁଥିବା ଶିଶୁମାନଙ୍କ ନିମନ୍ତେ ଶିକ୍ଷଣ ସାମଗ୍ରୀ ପାଇଲେ । ପ୍ରାଥମିକ ସମୟରେ ଅଗ୍ରଗାମୀ ତରଫରୁ ଦିଆଯାଇଥିବା ପରବର୍ତ୍ତୀ ସମୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଶିକ୍ଷାଦିକ୍ଷା ପାଇଁ ଆବଶ୍ୟକ ହେଉଥିବା ଖାତା, ପେନ୍‌ସିଲ୍, ପେନ୍ ଆଦି ଶିକ୍ଷଣ ସାମଗ୍ରୀ କିଣିଲେ ।

ବର୍ତ୍ତମାନ ଲଦି ମାଣ୍ଡାଙ୍ଗିଙ୍କ ପାଠପଢ଼ା ସନ୍ଧ୍ୟା ପାଞ୍ଚଟାରେ ଆରମ୍ଭ ହୁଏ ଏବଂ ସନ୍ଧ୍ୟା ସାଢ଼େ ସାତଟା ପର୍ଯ୍ୟନ୍ତ ଚାଲେ । ସୋଲାର ଲାଇଟରେ ପାଠପଢ଼ା ହୁଏ । ଦିନରେ ଶିଶୁମାନେ କିଏ ଆମ୍ବ ଗୋଟାଇ ଯାଇଥାଆନ୍ତି ତ କିଏ ଡଙ୍ଗରରେ ବୁଲାବୁଲି କରନ୍ତି । ଅପରାହ୍ନ ଚାରିଟା ପରେ ଆସ୍ତେ ଆସ୍ତେ ଶିଶୁମାନେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସନ୍ତି । ସବୁଠାରୁ ବଡ଼କଥା ହେଲା ଲଦିଙ୍କ ପାଖକୁ ଡ୍ରପ ଆଉଟ ଶିଶୁମାନେ ମଧ୍ୟ ଶିକ୍ଷା ପାଇବା ପାଇଁ ଆଗ୍ରହ ଦେଖାଇ ଆସୁଛନ୍ତି । ଲଦି ନିଜର ପାଠପଢ଼ାରେ ସଂଗୀତ, ନାଚ, ଖୁସିରେ ଶିଖିବା ନିମନ୍ତେ ନିଜ ମାତୃଭାଷା କୁଇରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ଆବଶ୍ୟକ ବେଳେ ନିଜେ ଅଭିନୟ ମାଧ୍ୟମରେ ସଂଗୀତ ଶିଖାଉଛନ୍ତି ।

ଲଦି ମାଣ୍ଡାଙ୍ଗି ପାଠପଢ଼ା ସହିତ ଗ୍ରାମବାସୀଙ୍କୁ ଆବଶ୍ୟକ ବେଳେ ସାହାଯ୍ୟ ସହଯୋଗ କରୁଛନ୍ତି । ଏଥିସହିତ ଗ୍ରାମରେ ଜୈବିକ ପଦ୍ଧତିରେ ଚାଷ କରିବା, କ୍ଷୁଦ୍ରଦାନା ଶସ୍ୟ ଚାଷ କରିବା ପାଇଁ ଲୋକଙ୍କୁ ବୁଝାଉଛନ୍ତି । ଗ୍ରାମର ଯେଉଁମାନେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି, ସେମାନଙ୍କୁ ବିଦ୍ୟାଳୟକୁ ପଠାଇବା ଏବଂ ଗ୍ରାମରେ ତାଙ୍କର ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ପ୍ରୟାସ କରୁଛନ୍ତି । ଏଥିସହିତ ସଫାସୁତୁରା ରହିବା, ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ମଧ୍ୟ ବୁଝାଉଛନ୍ତି । କଥା ଉଠୁଛି, କରୋନା ପରବର୍ତ୍ତୀ ସମୟରେ ଗତ ଦୁଇବର୍ଷ ମଧ୍ୟରେ କେତେ ମାତ୍ରରେ ଶିଶୁ ବିଦ୍ୟାଳୟ ଶିକ୍ଷାଦାନରୁ ବଂଚିତ ହୋଇଛନ୍ତି । କେତେକ ପଞ୍ଚମ ପରେ କୌଣସି ବିଦ୍ୟାଳୟରେ ନାମ ଲେଖାଇନାହାନ୍ତି । ଅନେକ ଶିଶୁ ରହିଛନ୍ତି, ଯେଉଁମାନେ ପଞ୍ଚମ ପାଠ ପଢୁଥିଲେ ମଧ୍ୟ ତାଙ୍କର ଶିକ୍ଷଣ ସ୍ତର ପ୍ରଥମ ଶ୍ରେଣୀ କିମ୍ବା ଅତି ବେଶୀରେ ଦ୍ୱିତୀୟ ଶ୍ରେଣୀର ରହିଛି । ଫଳରେ ସେହିଭଳି ଶିଶୁମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଶିକ୍ଷକ ଅରାଜି ଥିବା ବେଳେ ଏହି ଧରଣର ଶିଶୁଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଭୟ ରହୁଛି, ମାନସିକ ଚାପରେ ରହୁଛନ୍ତି ଏବଂ ସ୍କୁଲକୁ ଯିବା ପାଇଁ ଆଉ ଆଗ୍ରହ ଦେଖାଉନାହାନ୍ତି, ଏହିଭଳି ଅନେକ ଶିଶୁ ଏହିଭଳି ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ଶିକ୍ଷା ଗ୍ରହଣ ନିମନ୍ତେ ଆସୁଛନ୍ତି । ମୁଁ ଗାଁ ସ୍କୁଲର ସଭାପତିଙ୍କ ସହ ଆଲୋଚନା କରୁଥିଲି । ଗାଁରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ହେବା ପରେ ଗାଁ ଲୋକଙ୍କ ପାଇଁ ଅନେକଙ୍କ ଲାଭ ହୋଇଛି । ଗାଁ ଲୋକ ଗ୍ରାମବାସୀଙ୍କୁ ବୁଝାଇ ଗୋଷ୍ଠୀ ଶିକ୍ଷାକେନ୍ଦ୍ରକୁ ପିଲାମାନଙ୍କୁ ପଠାଉଛୁ । କରୋନା ମାଡ଼ିଯିବା ପରେ ଗାଁ ସ୍କୁଲ ବନ୍ଦ ହୋଇଥିଲା । ଏହି ସମୟରେ ଆମର ବଡ଼ ଚିନ୍ତା ହେଲା । ଆମେ ଗାଁର କିଛି ଲୋକ କାଶୀପୁର ଯାଇ ଆମ ଗାଁରେ ପାଠ ପଢ଼େଇବା ପାଇଁ ଏବଂ ଶିକ୍ଷାକେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କଲୁ ଓ ଦରଖାସ୍ତ କଲୁ । ଅଗ୍ରଗାମୀ ତରଫରୁ ଆମ ଗାଁ ପିଲାଙ୍କୁ ଟ୍ରେନିଂ ଦେଲେ ଏବଂ ପଢ଼େଇବା ପାଇଁ ସାମଗ୍ରୀ ଦେଲେ । ଆମେ ଗୋଷ୍ଠୀ କେନ୍ଦ୍ରରେ ପଢ଼େଇବା ପାଇଁ ବ୍ୟବସ୍ଥା କଲୁ । ଆମ ପିଲାମାନଙ୍କୁ ପଢ଼େଇଲୁ । ଯେଉଁ ପିଲାମାନେ ପଞ୍ଚମ ପଢୁଛନ୍ତି, ସେମାନଙ୍କୁ ଚେଷ୍ଟା କରୁଛୁ ନିକଟସ୍ଥ ହାଇସ୍କୁଲରେ ଜଏନ୍ କରିବା ପାଇଁ । ଯଦି କରୋନା ସମୟରେ ଆମ ଏଠାରେ ପାଠପଢ଼ା ହୋଇନଥାନ୍ତା, ତେବେ ଅନେକ ଶିଶୁ ଅଧାରୁ ପାଠଛାଡ଼ି ଦେଇଥାଆନ୍ତେ ବୋଲି ମତ ଦେଉଥିଲେ ।

ଗାଁରେ ପାଠପଢ଼ା ପ୍ରତି ଆଗ୍ରହ ରହିଛି । ଗ୍ରାମର ପ୍ରାୟ ୩୦ରୁ ଅଧିକ ଶିଶୁ ଗ୍ରାମର ବାହାରେ ରହି ପଢୁଛନ୍ତି । ଗ୍ରାମର ସମସ୍ତେ କୁଇ ସଂପ୍ରଦାୟର ଏବଂ ଚାଷବାସରେ ସମ୍ପୂର୍ଣ୍ଣ ଭାବରେ ଜୀବିକା ଅର୍ଜନ କରନ୍ତି । ଗ୍ରାମରେ ୮୦ଟି ପରିବାର ବସବାସ କରନ୍ତି । ପିଲାଙ୍କ ପାଠପଢ଼ା ସହିତ କିପରି ସଫାସୁତୁରା ରହିବେ, ଜୈବିକ ଉପାୟରେ ଚାଷ କରିବେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତି । ଲଦି ମାଣ୍ଡାଙ୍ଗି ନିଜେ ମଧ୍ୟ ଡଙ୍ଗର ଯାଇ ଚାଷ କରନ୍ତି ।



ଅପରାହ୍ନରେ ଦୁଇଟା ପରେ ଫେରିବା ପରେ ନିଜେ କିଛି ଖାଇ, ବିଶ୍ରାମ ନେଇ ସନ୍ଧ୍ୟାରେ ଶିଶୁଙ୍କ ପାଠପଢ଼ା ବିଷୟ କାର୍ଯ୍ୟରେ ଲାଗନ୍ତି । ଲଦି ମାଣ୍ଡାଙ୍ଗି ନିୟମିତ ଭାବରେ ଗତ ଦୁଇବର୍ଷ ମଧ୍ୟରେ ଅଗ୍ରଗାମୀ କାଶୀପୁରଠାରେ ଅନେକ ଥର ସ୍ୱଳ୍ପକାଳୀନ ଶିକ୍ଷକ ତାଲିମ ଗ୍ରହଣ କରିଛନ୍ତି, ଯାହାକି ତାଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଅନେକ ସହାୟତା କରିଛି । ବିଭିନ୍ନ ବୟସର ଶିଶୁମାନଙ୍କୁ, ଶିକ୍ଷଣ ସ୍ତର ଅନୁସାରେ ଶିକ୍ଷାଦାନ କରନ୍ତି । ଶିକ୍ଷାଦାନ ବେଳେ ଗୀତ, ଗପ, ଅନୁଭୂତି ସହିତ ଶିକ୍ଷଣ ସାମଗ୍ରୀ ବ୍ୟବହାର କରନ୍ତି ଏବଂ ନିଜ ଭାଷାରେ ବୁଝାନ୍ତି ।

ଆପି ମାଣ୍ଡାଙ୍ଗିଙ୍କ ସହ କଥା ବେଳେ ତାଙ୍କ ସମ୍ପର୍କରେ କହୁଥିଲେ ସେ ଜଣେ ଚାଷୀ । ମକା, ମାଣ୍ଡିଆ, ସୁଆଁ, ଧାନ ଚାଷ କରୁଛନ୍ତି । ନିଜର ଗାଈ ରହିଛି । ନିଜର ପିଲା ଖୁସିରେ ସନ୍ଧ୍ୟାରେ ଶିକ୍ଷା କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଥିବାରୁ ସେ ମଧ୍ୟ ଶିକ୍ଷାକେନ୍ଦ୍ରକୁ ନେଇ ବେଶ୍ ଖୁସି ଅଛନ୍ତି । ଗାଁ ଲୋକଙ୍କ ସହିତ ଆଲୋଚନା ବେଳେ ସ୍କୁଲରେ ଯାଇ ସେମାନଙ୍କ ପିଲାଙ୍କ ପାଠପଢ଼ା ସମ୍ପର୍କରେ ବୁଝୁଛନ୍ତି କି ନାହିଁ ପଚାରୁଥିଲି, ସେମାନେ ମନା କରୁଥିଲେ । କିନ୍ତୁ ନିୟମିତ ଭାବରେ ଗୋଷ୍ଠୀ ଶିକ୍ଷାକେନ୍ଦ୍ରକୁ ଆସି ବାହାର ପିଲାଙ୍କ ପାଠପଢ଼ାକୁ ଦେଖି ଖୁସି ହୁଅନ୍ତି ଏବଂ ପିଲାଏ ହସଖୁସିରେ ପାଠପଢୁଛନ୍ତି ବୋଲି ସେମାନେ ବି ଖୁସି ହୁଅନ୍ତି । ଗତ ଦୁଇବର୍ଷ ହେଲା ଗ୍ରାମାଞ୍ଚଳରେ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇ ରହିବା ଦ୍ୱାରା ଶିକ୍ଷଣ ସ୍ତର ଅନେକ କମିଯାଇଛି । ଅନେକ ଶିଶୁ ଭୁଲ ବାଟ, ମାନସିକ ଚାପରେ ଖରାପ ଅଭ୍ୟାସରେ ପଡ଼ିବାର ମଧ୍ୟ ସମ୍ଭାବନା ସୃଷ୍ଟି ହୋଇଛି । ଏହିଭଳି ପରିପ୍ରେକ୍ଷୀରେ ଲଦି ମାଣ୍ଡାଙ୍ଗି ଦ୍ୱାରା ଗ୍ରାମରେ ପାଠପଢ଼ା, ନିଜ ଜାତିର ଶିଶୁମାନଙ୍କୁ ସତ୍‌ଶିକ୍ଷା ଦେବା ସହିତ ଗାଁରେ ଏକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ ସୃଷ୍ଟି କରିପାରିଛି, ଏହା ଏକ ଭଲ ସଂଦେଶ ଦେଉଛି କହିଲେ ଅତ୍ୟୁକ୍ତି ହେବନାହିଁ !

*-୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା, ଦୂରଭାଷ: ୯୪୩୮୦୮୧୪୩୦*

# ଆମ ଗଣପର୍ବ-ରଜ



ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି । ଏହି ସ୍ୱତନ୍ତ୍ରତା ମଧରେ ପର୍ବ-ପର୍ବାଣିଗୁଡିକର ବୈଶିଷ୍ଟ୍ୟ ଓ ମହତ୍ୱ ରହିଅଛି । ପର୍ବପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ । ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ । ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣି । କଥାରେ ଅଛି- 'ବାର ମାସରେ ତେର ପର୍ବ', ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ । ମାନବ ଜୀବନ ସହିତ ପର୍ବପର୍ବାଣିର ଘନିଷ୍ଠ ସମ୍ବନ୍ଧ ରହିଛି । ଏଣୁ କର୍ମକ୍ଳାନ୍ତ ଜୀବନକୁ ହାଲ୍‌କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷିପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି । ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ । ଓଡିଶାର ଗଣପର୍ବ ରୂପେ ରଜପର୍ବ ସର୍ବତ୍ର ପାଳିତ ହୁଏ । ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ । କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧିକ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ । ତିନିଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି । ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ଶେଷ ରଜ ବା ଭୂମି ଦହନ ନାମରେ ପରିଚିତ । ଶେଷ ରଜର ପରବର୍ତ୍ତୀ ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ, ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ । ଏଣୁ ରଜ ପାଇଁ ଖାଦ୍ୟପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ ହୋଇଥାଏ । ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା । କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ । ରଜରେ ପିଠାପଣାର ସୁଅ ଛୁଟେ । ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍‌ବ୍ୟବହାର କରାଯାଏ ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଂଟି ଓଡିଆ ପର୍ବ । ପିଠାପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ । ରଜଦୋଳି ରଜ ପର୍ବର ବିଶେଷ ଆକର୍ଷଣ । ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ ।

*"ବନସ୍ତେ ଡାକିଲା ଗଜ/ବରଷକେ ଥରେ ଆସିଛି ରଜ ଲୋ/ଘେନି ନୂଆ ସଜବାଜ ।"*

ଦୋଳିଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍, ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ । ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ । ବର୍ତ୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍‌ମାନ ଅନୁଷ୍ଠିତ ହୋଇଥାଏ । ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ । ସଂଗୀତ, ପାଲା, ଦାସ୍‌କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ । ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଗାଁଗହଳିରେ ଝିଅବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି । କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଯାଇଥାନ୍ତି ।



ରଜପର୍ବରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି । ଆଜିକାଲି ଯୋତା ଓ ଚପଲର ବ୍ୟବହାର କଲେଣି । ରଜପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ । କାରଣ-ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି । ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ ସେହି କାରଣରୁ ରଜଦିନରେ ସ୍ପର୍ଶ କରିବା ଅନୁଚିତ୍ । ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନକ୍ଷମ ହେଲା ବୋଲି ଧରାଯାଇଥାଏ । ତତ୍‌ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ । ତେଣୁ ରଜପର୍ବ କୃଷକମାନଙ୍କର ଏକ ପର୍ବ ହେଲେ ମଧ ତାଙ୍କର କର୍ତ୍ତବ୍ୟ ସୂଚାଇ ଦେଇଥାଏ । ରଜ ଓଡିଶାରେ ଏକ ପ୍ରଧାନ ଗଣପର୍ବ । ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ । ସହୃଦୟତା ଓ ଭ୍ରାତୃତ୍ୱର ବନ୍ଧନ ପର୍ବ । ବାହ୍ୟ ଆଡମ୍ବର ଅପେକ୍ଷା ରଜପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ।



**-ଅକ୍ଷୟ କୁମାର ରାଉତ**
*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫*




# ମହିଳାଙ୍କୁ ସୁରକ୍ଷା, ସମ୍ମାନ ଦେବାରେ ସରକାର ବିଫଳ




ଭୁବନେଶ୍ୱର ,(ପି.ଏନ): ନାରୀ ଜାତିକୁ ସମ୍ମାନ ଓ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମହିଳା ଚାଲାଣ, ଶିଶୁ କନ୍ୟା ବିକ୍ରି, ମଦ ପ୍ରସାରଣ ଜନିତ କାରଣରୁ ବୃଦ୍ଧି ପାଉଥିବା ଘରୋଇ ହିଂସା,ବଳାତ୍କାର, କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଶୋଷଣ ପ୍ରଭୃତିରେ ସରକାରଙ୍କ ଉଦାସୀନତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସମୃଦ୍ଧ ଓଡିଶା ମହିଳା ସମାବେଶରେ ସଭାପତି ଡ. ଯତୀଶ ଚନ୍ଦ୍ର ମହାନ୍ତି କହିଛନ୍ତି । ମଦ ବିକ୍ରିରେ ଏକ ନମ୍ବର ରାଜ୍ୟ ହେବାର ପୁରସ୍କାର ପାଇଥିବା ଓଡିଶାରେ ଆଜି ମହିଳାମାନେ ଅସୁରକ୍ଷିତ । ଜାତୀୟ ଅପରାଧ ନଥି ବ୍ୟୁରୋ( ଏନ୍.ସି.ଆଇ.ବି),ଶକ୍ତି ବାହିନୀ ରିପୋର୍ଟ ଓ ଗଣମାଧ୍ୟମର ତଥ୍ୟ ଅନୁସାରେ ଓଡିଶାରେ କ୍ରମାଗତ ଭାବରେ ଘରୋଇ ହିଂସା, ମହିଳା ଚାଲାଣ ଏବଂ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଛି । ରାଜ୍ୟର ୨୬ଟି ଜିଲ୍ଲାରୁ ମହିଳା ଚାଲାଣ ହେବା ସମସ୍ତଙ୍କ ପାଇଁ ଲଜ୍ଜାର ବିଷୟ । ୨୦୨୦ରେ ୨୫୫୬ ମହିଳା ନିଖୋଜ,୨୨୭ ଶିଶୁକନ୍ୟା ଚାଲାଣ ଏବଂ ୨୫ହଜାର ୪୮୯ ମହିଳାଙ୍କ ଦ୍ୱାରା ଥାନାରେ ଘରୋଇ ହିଂସାର ଏତଲା ଦାଏର ପ୍ରଭୃତି ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଏପରିକି ୭ବର୍ଷର ଶିଶୁକନ୍ୟା ହେଉ ଅଥବା ୭୦ବର୍ଷର ବୃଦ୍ଧା ମା ହେଉ କେହି ବି ଆଜି ସୁରକ୍ଷିତ ନୁହଁନ୍ତି ବୋଲି ସମୃଦ୍ଧ ଓଡିଶା ମହିଳା ମୋର୍ଚ୍ଚାର ସଭାନେତ୍ରୀ ଡ. ମିନାକ୍ଷୀ ଦାଶ କହିଥିଲେ । ଦଳିତ, ଆଦିବାସୀ,ପଛୁଆବର୍ଗର ସମସ୍ତ ମହିଳାଙ୍କୁ ଉଚ୍ଚଶିକ୍ଷା କାର୍ଯ୍ୟକ୍ରମରେ ସାମିଲ୍ ସହ ପ୍ରତ୍ୟେକ ପରିବାରର ସର୍ବନିମ୍ନ ଆୟ ୨୦ହଜାର ଟଙ୍କାରୁ ଅଧିକ ହୋଇ ପାରିବ ସେ ଦିଗରେ ସରକାର ଗୁରୁତ୍ୱ ଦେବାକୁ ଦାବି ହୋଇଛି । ସମୃଦ୍ଧ ଓଡିଶା ଶାସନକୁ ଆସିଲେ ସମସ୍ତ ନାରୀ ନିର୍ଯ୍ୟାତନାର ଅଭିଯୋଗକୁ ଗୁରୁତର ସହ ବିଚାର କରାଯାଇ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ । ଭିନ୍ନକ୍ଷମ ମହିଳା, ବିଧବା ଓ ଅସହାୟ ଅବସ୍ଥାରେ ଥିବା ସମସ୍ତ ମା'ମାନଙ୍କୁ ମାସିକ ୩ହଜାର ଟଙ୍କାର ବ୍ୟବସ୍ଥା କରାଯାଇ ସେମାନଙ୍କୁ ସମ୍ମାନର ସହ ବଂଚିବାରେ ସହାୟତା ପ୍ରଦାନ କରାଯିବ । ମହିଳା ଉଦ୍ୟୋଗୀମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ସଂପୃକ୍ତ ମହିଳାମାନେ ହିଁ ସମୃଦ୍ଧ ଓଡିଶା ଗଠନରେ ସହାୟକ ହେବେ ବୋଲି ମହିଳା ସମାବେଶରେ ଯୋଗ ଦେଇଥିବା ସମୃଦ୍ଧ ଓଡିଶାର ଉପଦେଷ୍ଟା ଜଷ୍ଟିସ୍ ଉମାଚରଣ ମିଶ୍ର, ବରିଷ୍ଠ ଉପସଭାପତି ପଂଚାନନ ଦାଶ ଓ ଅନ୍ୟ ନାରୀନେତ୍ରୀମାନେ ମତ ପ୍ରକାଶ କରିଥିଲେ ।

# ପ୍ରାଚୀ ପରିଷଦର ରଜ ଉତ୍ସବ

ଫୁଲନଖରା, (ପି.ଏନ): ସାଂସ୍କୃତିକ ସଂଗଠନ 'ପ୍ରାଚୀ ପ୍ରଜ୍ଞା ପରିଷଦ' ଆନୁକୂଲ୍ୟରେ ତିନି ଦିବସୀୟ ରଜ ମହୋତ୍ସବ ଆରମ୍ଭ ହୋଇଛି । କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଆୟୋଜିତ ଏହି ଉତ୍ସବକୁ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଉଦଘାଟନ କରିଥିଲାବେଳେ ଇତିହାସ ଗବେଷକ ଡଃ.ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀ, ସୁଶ୍ରୀ ଶୀତଲ ବସ୍ତିଆ, ଅଶ୍ୱିନୀ ମହାପାତ୍ର ଓ ଡଃ.ତ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ରଜ ପର୍ବ ଆମ ରାଜ୍ୟର ନିଜସ୍ୱ ପାରମ୍ପରିକ ଉତ୍ସବ ବୋଲି ମତ ବ୍ୟକ୍ତ କରିବା ସହିତ ଏଥିରେ ଉତ୍କଳୀୟ ସଂସ୍କୃତି, କଳା ଓ କୃଷି ଆଦି ସଂଶ୍ଳିଷ୍ଟ ରହିଥିବା ବିଷୟ ବର୍ଣ୍ଣନା କରିଥିଲେ। ହଂସନାଥ ସାହୁ, ସୁରେନ୍ଦ୍ରନାଥ ଛୋଟରାୟ, ଅନୁପ ସାସମଲ, ଭିକାରି ସାହୁ, ଉମାକାନ୍ତ କର, କବିତା ପରିଡ଼ା ଓ ଅଜୟ ପତି ଉପସ୍ଥିତ ଥିଲେ। ଏହି ଅବସରରେ ରଜ ପିଠା, ରଜ କୁମାରୀ, ରଜ କୁଇଜ ଓ ମେହେନ୍ଦୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା; ଏହାକୁ ଦିବ୍ୟାଶ୍ରୀ ସାହୁ ଓ ସ୍ମୃତି ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ରାଜ୍ୟ ସରକାରଙ୍କ କଳା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରାଚୀ ପରିଷଦ କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

# ଗ୍ରାଣ୍ଡ ବଜାରରେ ରଜ ପରବ

ଫୁଲନଖରା,(ପି.ଏନ): ଫୁଲନଖରା ବକୁଦଠାରେ ଥିବା 'ଗ୍ରାଣ୍ଡ ବଜାର' ପରିସରରେ ରଜ ପରବ-୨୦୨୨ ଆରମ୍ଭ ହୋଇଛି। ଏହା ତିନିଦିନ ଧରି ଚାଲିବ। ଆଜି ଅନୁଷ୍ଠିତ ଉଦଘାଟନ ସମାରୋହରେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ବିଧାୟକ ରଘୁନନ୍ଦନ ଦାସ, ଶିଳ୍ପୋଦ୍ୟୋଗୀ ମହେନ୍ଦ୍ର ଗୁପ୍ତା, ଡଃ.ରୀନା ରାଉତରାୟ, ବିଧାୟକ ଲତିକା ପ୍ରଧାନ, ସଂଗ୍ରାମ ପାଇକରାୟ, ମେଜର କଳ୍ପନା ଦାସ, ଉଷଶୀ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ରଜ ପର୍ବ ଉତ୍କଳୀୟ ପରମ୍ପରାର ନିଜସ୍ୱ ତଥା ଅନନ୍ୟ ସଂସ୍କୃତିବୋଲି ବର୍ଣ୍ଣନା କରିଥିଲେ। ଗ୍ରାଣ୍ଡ ବଜାର, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର ଏବଂ କଳା ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କଳାକାର, ଶିଳ୍ପୋଦ୍ୟୋଗୀ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳୀୟ ପାରମ୍ପରିକ ବେଶ ପୋଷାକକୁ ନେଇ ମହିଳାମାନଙ୍କଦ୍ୱାରା ଫ୍ୟାସନ ଶୋ' ଅନୁଷ୍ଠିତ ହୋଇଥିଲାବେଳେ ଉତ୍କଳ କରାଟେ ସ୍କୁଲର ଛାତ୍ରଛାତ୍ରୀମାନେ ମହିଳାମାନଙ୍କ ଆତ୍ମରକ୍ଷା ସଂକ୍ରାନ୍ତରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ବଲିଉଡ୍ କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଓଡ଼ିଶା ରାଜ୍ୟ ନ୍ୟୁ ଏଡେଡ୍ ବ୍ଲକଗ୍ରାଂଟ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଆଲୋଚନାଚକ୍ର







ଭୁବନେଶ୍ୱର ,(ପି.ଏନ): ରାଜ୍ୟରେ ନୂଆକରି ସହାୟତା ପାଇଥିବା ବ୍ଲକଗ୍ରାଂଟ୍ ସ୍କୁଲ୍ ମାନଙ୍କରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ଏକ ଆଲୋଚନାଚକ୍ର ତଥା ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ ହସ୍ପିଟାଲ ନିକଟସ୍ଥ ସାଁପୁର ମୌଜାର କଳିଙ୍ଗ ବିଦ୍ୟାପୀଠ ପ୍ରାଙ୍ଗଣରେ ଆଜି ଆୟୋଜିତ ହୋଇଥିବା ଏହି ସଭାରେ ରାଜ୍ୟର ବିଭିନ୍ନ ନ୍ୟୁ ଏଡ଼େଡ୍ ବ୍ଲକଗ୍ରାଂଟ୍ ସ୍କୁଲ୍ ମାନଙ୍କରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ କରାଯାଇଥିଲା। ଅବସର ପରେ ପେନସନ୍, ଗ୍ରାଚୁଇଟି ଏବଂ ରିଟାୟାର୍ଡ଼ମେଂଟ୍ ବେନିଫିଟ୍ ଯୋଜନା ସେମାନଙ୍କ ପାଇଁ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ବହୁବାର ଆଗରୁ ଦାବି କରିଥିଲେ ମଧ ସରକାର କିଛି ବିଚାର କରି ନ ଥିବାରୁ ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ନିଷ୍ପତି ନେଇଥିଲେ ଯେ, ପୁନର୍ବାର ସରକାରଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଦାବି ଏବଂ ସାମ୍ବିଧାନିକ ହକକୁ ତୁରନ୍ତ ଲାଗୁ କରିବାକୁ ଅନୁରୋଧ କରିବେ ତଥା ଲିଖିତ ଅଭିଯୋଗ ବି କରିବେ। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆସିବେ ଏବଂ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ କରିବେ ବୋଲି ସଂଘର ସାଧାରଣ ସମ୍ପାଦକ ରଜନ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି ।ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟରେ ପାଖାପାଖି ୨ ହଜାରରୁ ଅଧିକ ନ୍ୟୁ ଏଡେଡ୍ ବ୍ଲକଗ୍ରାଂଟ୍ ସ୍କୁଲ ମାନଙ୍କରୁ ଶିକ୍ଷକ ଏବଂ କର୍ମଚାରୀମାନେ ଅବସର ଗ୍ରହଣ କରିସାରିଲେଣି। ଯେତେବେଳେ କି ଅନ୍ୟାନ୍ୟ କର୍ମଚାରୀମାନେ ୩୦/୩୫ ବର୍ଷ ସେବା ଯୋଗାଇ ଯେଉଁଭଳି ପେନସନ ପାଉଛନ୍ତି, ଏହି ବର୍ଗର କର୍ମଚାରୀମାନେ ଅବସର ପରେ ଖାଲି ହାତରେ ଘରକୁ ଯାଉଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଦୁଃଖ ସ୍ପଷ୍ଟ ବାରି ହୋଇପଡୁଥିଲା। ପୂର୍ବରୁ ମାନ୍ୟବର ହାଇକୋର୍ଟ ମଧ ସରକାରଙ୍କୁ ସେମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ କହିଥିଲେ କିନ୍ତୁ ଏପର୍ଯ୍ୟନ୍ତ ସରକାର କିଛି ନ କରି ସେମାମାନଙ୍କୁ ହତାଶ କରିଛନ୍ତି ବୋଲି ସଂଘର ସଭାପତି ଗରୁଡ଼ ଚନ୍ଦ୍ର ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି।

# ନୃତ୍ୟ ପ୍ରତିଭାର ରଜ ପ୍ରତିଭା ଉତ୍ସବ : କେ.ଆର୍ ସନ୍ତୋଷିନୀଙ୍କୁ ରଜ ପ୍ରତିଭା ସମ୍ମାନ







ଭୁବନେଶ୍ୱର,(ପି.ଏନ): ଓଡିଆ ଜାତିର ସ୍ୱତନ୍ତ୍ର ଉତ୍ସବ ରଜ । ଏହା ଆମ ସମୃଦ୍ଧ ପରମ୍ପରାର ପରିଚୟ ଦିଏ । ଉତ୍ସବ ପାଳନ ହେଉ ହେଲେ ପରମ୍ପରା ବଜାୟ ରହୁ ବୋଲି କହିଛନ୍ତି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର । ନୃତ୍ୟ ପ୍ରତିଭା ପକ୍ଷରୁ ଆଜି ରବୀନ୍ଦ୍ର ମଣ୍ଡପରେ ରଜ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଉପରୋକ୍ତ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ଦର୍ଶକଙ୍କୁ ଓଡିଶୀ ନୃତ୍ୟରେ ବାନ୍ଧି ରଖିଥିଲେ ନୃତ୍ୟଶିଳ୍ପୀ । ପାରମ୍ପରିକ କଥା ସବୁକୁ ନୃତ୍ୟ ମାଧ୍ୟମରେ ମନେପକାଇ ଦେଇଥିଲେ । ତା'ସାଙ୍ଗକୁ ପୁଣି ପାଠା ଓ ପାନର ମଜା ନିଆରା । ଅନ୍ୟ ଅତିଥିଙ୍କ ମଧ୍ୟରେ ବିଧାୟକ ଶଶିଭୂଷଣ ବେହେରା, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ରୋଜାଲିନ୍ ପାଟ୍ଟଶାଣୀ, ଅନୁଷ୍ଠାନର ସଭାପତି ଡ. ରଜନୀ ରଂଜନ ଦାଶ, ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ ଏବଂ ସମ୍ପାଦିକା ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିଳ୍ପୀ କେ. ଆର୍ ସନ୍ତୋଷିନୀଙ୍କୁ ରଜ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏଥିସହ ସ୍ୱତନ୍ତ୍ରଭାବେ ରଜ ନୃତ୍ୟ ସଙ୍ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଶିଳ୍ପୀ ସେମାନଙ୍କ କଳାଚାତୁରୀର ନିଦର୍ଶନ ଦେଇଥିଲେ । ଏହି ଅବସରରେ ଦ୍ୱିଭାଷୀ ଚଳଚ୍ଚିତ୍ର 'ମାୟାଦର୍ପଣ'ର ଅଡିଓ ରିଲିଜ୍ କରାଯାଇଥିଲା । ଉତ୍ସବରେ ଚଳଚ୍ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜିକା ପ୍ରତିଭା ପଣ୍ଡା, ନିର୍ଦ୍ଦେଶକ ରାଜୀବ ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା, କ୍ରିଏଟିଭ ମୁଖ୍ୟ ପ୍ରଣୟ ଜେଠୀ ଏବଂ ହିନ୍ଦୀ ଅନୁବାଦକ ଉଦୟନ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ପ୍ରଥମ ଭାଗରେ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ଏକକ ଓଡିଶୀ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ସହିଦ ନଗର କର୍ପୋରେଟର ରାଜକିଶୋର ଦାସ ଉପସ୍ଥିତ ଥିଲେ । ଉତ୍ସବକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା


ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତାଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଛକ୍ଷପ୍;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




## ମହୀଧରପଡ଼ା ରାସ୍ତା କାର୍ଯ୍ୟ ଅଧାରୁ ବନ୍ଦ !

ଫୁଲନଖରା (ପିଏନ୍)-କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଉନ୍ନତିକରଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ପଡ଼ି ରହିଛି । ତ୍ରିନାଥବଜାରଠାରୁ ୭କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏକ ମିଟର ଲେଖାଏଁ ପ୍ରଶସ୍ତିକରଣ କରାଯିବାପାଇଁ ଟେଣ୍ଡର ହୋଇଥିଲା ଏବଂ ଉଭୟ ପାର୍ଶ୍ୱରେ ଥିବା ବେଆଇନ୍ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପ୍ରସ୍ତାବ ଥିଲା। ମାତ୍ର ସମ୍ପୃକ୍ତ ଠିକାଦାର କେବଳ ତ୍ରିନାଥବଜାର ଜଳସମ୍ପଦ ବିଭାଗ ପାଚେରି ନିକଟ ଅବରୋଧକୁ ହଟାଇଥିଲେ ହେଁ ଆଉ କୌଣସି ସ୍ଥାନରେ ଏହା କରିନଥିଲେ। ଇତିମଧ୍ୟରେ ଉଚ୍ଛେଦ ହୋଇଥିବା ସ୍ଥାନରେ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଥିବା ଦେଖାଯାଉଛି। ଅପରପକ୍ଷରେ ପ୍ରଶସ୍ତିକରଣ କାର୍ଯ୍ୟ ନଗରୀ ମୌଜା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବାପରେ ଉକ୍ତ କାର୍ଯ୍ୟ ସେହିଠାରେ ଅଟକି ରହିଛି। ଦୀର୍ଘଦିନ ହେଲା କାର୍ଯ୍ୟ ଆଉ ଆଗକୁ ଅଗ୍ରସର ହୋଇପାରୁନାହିଁ। ଏତଦ ସହିତ କେତେକ ସ୍ଥାନରେ ଗାର୍ଡ଼ୱାଲର ଜରୁରୀ ଆବଶ୍ୟକତା ଥିଲେ ହେଁ ସମ୍ପୃକ୍ତ ଠିକାଦାର ତାହାକୁ ଏଡ଼ାଇଦେଇଛନ୍ତି । ବ୍ୟସ୍ତବହୁଳ ଏହି ରାସ୍ତାର ସନ୍ତୋଳ ଛକଠାରୁ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ରାସ୍ତା ପାର୍ଶ୍ୱ ଖାଲୁଆ ଅଂଶରେ କଂକ୍ରିଟ ବନ୍ଧ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ରଞ୍ଜିତାକୁ ଉଚ୍ଚଶିକ୍ଷା ପାଇଁ ସହାୟତାର ହାତ ବଢାଇଲା ଜିଲ୍ଲା ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରୀ ରଞ୍ଜିତା ନାୟକ ମାଟ୍ରିକ ପାସ କଲାପରେ ଆର୍ଥିକ ସମସ୍ୟା ଯୋଗୁଁ ଉଚ୍ଚଶିକ୍ଷା ଲାଭ କରିନପାରି ଘରେ ବସି ରହିଥିଲେ । ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବାପା ମା ଛେଉଣ୍ଡ ଝିଅକୁ ଅଧିକ ପାଠ ପଢାଇବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି । ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରି ତାକୁ ଡକାଇ ଭୁବନେଶ୍ୱରରେ ଥିବା ଏକ ଆବାସିକ ବିଶ୍ୱ ବିଦ୍ୟାଳୟରେ ପଢିବା ପାଇଁ ସୁଯୋଗ ଦେଇଛନ୍ତି । ପେଟଛେଲା ପଞ୍ଚାୟତର ଲୁଣମାଠିଆ ଗ୍ରାମର ଝିଅ ରଞ୍ଜିତା ନାୟକଙ୍କୁ କଲେଜରେ ନାମ ଲେଖା ଯିବା ସହିତ ତାକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି ।

## ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତର ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଦ୍ୱିତୀୟ ଦିବସରେ ଗୁରୁକୁଳର ପ୍ରତିଷ୍ଠାତା ତଥା ଅଧ୍ୟାତ୍ମିକବାଦୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଇଂଜିନିୟର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି, ବୈଦିକ ବିଦ୍ୱାନ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସହଦେବ ଶାସ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁକୁଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ଉତମ ଚରିତ୍ର ଗଠନ ଓ ସ୍ୱାବଲମ୍ବୀ ହେବା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ୫୧ କୁଣ୍ଡୀୟ ଯଜ୍ଞ ବେଦ ମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମ ହୋଇଥିବା ବେଳେ ଦୁଷ୍ମନ୍ତ ଭାଇ, ପ୍ରବୀର ଭାଇ, ଅଭୟ ଭାଇ, ସୁରେନ୍ଦ୍ର ଶାସ୍ତ୍ରୀ ଓ ଦୀପକ ଭାଇ ପ୍ରମୁଖ ସହଯୋଗ କରିଥିଲେ। ପରେ ଅସହାୟ ମହିଳାମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦଯାପିତ

ଖୋର୍ଦ୍ଧା(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାତଦିନ ଧରି ଚାଲିଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି । ଏ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବରେ ଗଣେଶ୍ୱର ମିଶ୍ର,ଅକ୍ଷୟ କୁମାର ମହାପାତ୍ର, ରତିକାନ୍ତ କହଲସିଂହ, ଶ୍ରୀ ନିବାସ ମିଶ୍ର, ହରେକୃଷ୍ଣ ପାଣିଗ୍ରାହୀ, ନଳିନୀକାନ୍ତ ପଣ୍ଡା, ଗୋରାଚାନ୍ଦ ରାୟ, ଜ୍ୟୋତି ମଣ୍ଡଳ, ବିଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ସନ୍ଧ୍ୟାରାଣୀ ପ୍ରଧାନ, ନିରଂଜନ ମହାପାତ୍ର, ଭିକାରୀ ଚରଣ ମିଶ୍ର ଓ ସ୍ୱର୍ଣ୍ଣଲତା ମାହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରର ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଆଜିର ଉଦଯାପନୀ ସମାରୋହରେ ଅନୁଷ୍ଠାନର ସଭାପତି ମାନସ ରଂଜନ ଦାଶଙ୍କ ପୌରୋହିତ୍ୟରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗର ସଭାପତି ଶିକ୍ଷାବିତ କୁଳମଣି ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନେ ଆହରଣ କରିଥିବା ଜ୍ଞାନକୁ ଉପଯୋଗ କରି ଛାତ୍ରଛାତ୍ରୀ ମାନଙ୍କୁ ଉତମ ଭାବେ ପଢାଇବାରେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ଏଥିରେ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସହ-ସମ୍ପାଦକ ବଂଶୀଧର ପାଣିଗ୍ରାହୀ, ଉପ-ସଭାପତି ରାଜଶ୍ରୀ ପଣ୍ଡା ପଣ୍ଡା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ମନୋରଂଜନ ପଣ୍ଡା ପରିଚାଳନା କରିଥିଲେ ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀ ଗ୍ରାମର ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ରଜ ମହୋତ୍ସବର ଆୟୋଜନ କରାଯାଇଛି। ଏ ନେଇ ଅଟ୍ରୀସ୍ଥିତ ପତିତପାବନ ମନ୍ଦିର ପରିସରରେ ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ଥାନୀୟ ଅଂଚଳର ଯୁବପ୍ରତିଭାମାନେ ନିଜର କଳାକୌଶଳ ପ୍ରଦର୍ଶନ କରିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଚକ୍ରଧର ବେହେରା କଳ୍ପତରୁ ପଣ୍ଡା, ସୁଶାନ୍ତ ଜେନା, ଅନିଲ ଜେନା, ବାଦଲ ବେହେରା, ଭାଗିରଥି ଚମ୍ପତି ଓ ଲିଙ୍ଗରାଜ ଜେନା ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ ।

## ଆନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ବୈଠକ



ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ମହକୁମାସ୍ଥିତ ପର୍ଯ୍ୟଟନସ୍ଥଳୀ ବରୁଣେଇର ପାଦଦେଶରେ ଆର୍ନ୍ତଜାତୀୟ ସୁରକ୍ଷା ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଥିଲା । ଏ ନେଇ ସଙ୍ଗଠନ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନୂତନ ଭାବରେ କାର୍ଯ୍ୟାଳୟ ଖୋଲିବା ସହ କର୍ମକର୍ତା ଚୟନ କରାଯାଇଥିଲା। ଏହି ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅସହାୟ ଲୋକ ମାନଙ୍କୁ ଆଇନ ସେବା କ୍ଷେତ୍ରରେ ସଠିକ ନ୍ୟାୟ ପାଇବା ପାଇଁ କାର୍ଯ୍ୟ କରିବା ସହ ସ୍ଥାନୀୟ ଅଂଚଳ ସମେତ ସାମାଜିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସଙ୍ଗଠନକୁ ମଜଭୁତ କରିବେ ବୋଲି ନିଷ୍ପତି ନେଇଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକ, ସର୍ବଭାରତୀୟ ଉପଦେଷ୍ଟା ପ୍ରତାପ ମିଶ୍ର, ଭୁବନେଶ୍ୱର ଟାଉନ ସଭାପତି ପଂଚାନନ ସାହୁ, ରାଜ୍ୟ ସଭାପତି ଜିତେନ୍ଦ୍ର ପାତ୍ର, ଜାତୀୟ ଗଣମାଧ୍ୟମ ସଂଯୋଜକ ସୁଧାଂଶୁ ଦେଓ, ଜାତୀୟ ପରାମର୍ଶଦାତା ଲକ୍ଷ୍ମଣ ଦାସ, ଜାତୀୟ ଉପଦେଷ୍ଟା କମାଣ୍ଡର ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ କଲ୍ୟାଣ ମହାନ୍ତି, ରାଜ୍ୟ ମହିଳା ସମ୍ପାଦିକା ରେବତୀ ନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଅବିନାଶ ନାୟକ, ଜିଲ୍ଲା ମହିଳା ସଭାପତି ସୁବ୍ରତା ବନ୍ଦୋପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲା ଉପଦେଷ୍ଟା ଦିବାକର ଭୋଇ, ବେଗୁନିଆ ବ୍ଲକ ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ,ବ୍ଲକ ମହିଳା ସଭାପତି ଶାନ୍ତଲତା ରଣସିଂହ ଓ ସଭ୍ୟ ରୂପକାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦେବସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ



ଶ୍ରୀମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଏହା ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୁଏ। ଏହା ମଧ ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ।

"ଜ୍ୟେଷ୍ଠମାସି ସିତେ ପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍ ।
ସ୍ନାପୟେତ୍ତୀର୍ଥତୋ ଯେନ ସର୍ବମଙ୍ଗଳ -ସିଦ୍ଧୟେ ॥"

ଏ ଜ୍ୟେଷ୍ଠ ପୂର୍ଣ୍ଣିମା ମଧ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ବୋଲି 'ନୀଳାଦ୍ରି ମହୋଦୟ' ଷଷ୍ଠ ଅଧ୍ୟାୟରେ ଲିପିବଦ୍ଧ ହୋଇଛି ।

"ସ୍ୱାୟଂ ଭୁବକୃତେ ତତ୍ର ଦର୍ଶେ ତବ ମଖାଞ୍ଚିତେ ।
ଅବତୀର୍ଣ୍ଣଃ ସ୍ୱୟଂ ଜ୍ୟେଷ୍ଠ୍ୟାଂ ତତ୍ର ଜନ୍ମଦିନଂ ମମ ।
ତତ୍ ପୌର୍ଣ୍ଣମୀ ଦିନେ ଭୂପ ସ୍ନାନଂ ମେ କାର୍ଯ୍ୟମାଦରାତ୍ ।
ମହାସ୍ନାନ ବିଧୌ ଉକ୍ତ୍ୟା ଯଥାବିଧି ମହୋତ୍ସବୈଃ ॥"

ଏହି ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ଜଗନ୍ନାଥ, ବଳଭଦ୍ର , ସୁଭଦ୍ରା ଓ ସୁଦର୍ଶନ ଇତ୍ୟାଦି ଚତୁର୍ଦ୍ଧାମୂର୍ତ୍ତିମାନଙ୍କୁ ପହଣ୍ଡିବିଜେରେ ଆନନ୍ଦ ବଜାର ସ୍ଥିତ ସ୍ନାନମଣ୍ଡପ ବା ସ୍ନାନବେଦୀ ଉପରେ ବିରାଜମାନ କରାଯାଏ । ଏଠାରେ ସ୍ନାନ କରାଇ ଗଜାନନ ବା ହାତୀବେଶ କରାଯାଏ । ଏଠାରେ ସୂଚନା ଯୋଗ୍ୟ ଯେ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ଆସିଥିବା ଶ୍ରୀ ଗଣପତି ଭଟ୍ଟଙ୍କୁ ଜିଉମାନେ ଏହି ଗଜାନନ ବେଶରେ ଦେଖାଦେଇଥିବାରୁ ତାଙ୍କରି ଉଦ୍ଦେଶ୍ୟରେ ସେବେଠୁ ଏହି ବେଶ ସ୍ନାନପୂର୍ଣ୍ଣିମା ଦିନ କରାଯାଏ । ଶ୍ରୀ ଭଟ୍ଟ ମହାଗଣ ପତ୍ୟ ସଂପ୍ରଦାୟର ଏବଂ ସେ ଜିଉମାନଙ୍କୁ ସେହି ବେଶରେ ଦେଖିବାକୁ ଇଚ୍ଛାକରିଥିଲେ । ଏହି ଗଜାନନ ବେଶ ପରେ ଭକ୍ତମାନଙ୍କୁ ଦର୍ଶନ ନିମନ୍ତେ ଛଡ଼ାଯାଏ । ଏ ସ୍ନାନଯାତ୍ରା ନିମନ୍ତେ କିଛି ବିଧି ନିଶ୍ଚିତ ଆଗରୁ କରାଯାଇଛି । ଏହି ବିଧିମତେ ଚତୁର୍ଦ୍ଧାମୂର୍ତ୍ତିମାନେ ସ୍ନାନ ମଣ୍ଡପରେ ଆସୀନ ହେଲାପରେ



ସୁବର୍ଣ୍ଣ କୂପରୁ ପବିତ୍ର ଜଳ ଆଣି ଜୀଉ ମାନଙ୍କୁ ସ୍ନାନ କରାଇ ଦିଆଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ଗରା ସୁଭଦ୍ରାଙ୍କୁ ଏବଂ ୧୮ଗରା ସୁଦର୍ଶନଙ୍କୁ ଏହିପରି ୧୦୮ଗରା ଜଳରେ ସ୍ନାନ କରାଯାଏ । ସ୍ନାନପରେ ଗୋପାଳ ତୀର୍ଥମଠରୁ ଆସିଥିବା ଦୁଇବାଡ଼ ଓ ରାଘବ ଦାସ ମଠରୁ ଆସିଥିବା ଦୁଇ ବାଡ଼ ଉପକରଣରେ ଯଥାକ୍ରମେ 'ବଳଭଦ୍ର ଓ ସୁଦର୍ଶନ' ଓ 'ଜଗନ୍ନାଥ ଓ ସୁଭଦ୍ରା'ଙ୍କୁ ଗଜାନନ ବେଶରେ ବିଭୂଷିତ କରାଯାଏ । ଏହି ବେଶରେ ଶ୍ରୀ ବଳଭଦ୍ର ଧବଳ ବେଶରେ ଓ କଳାଗଣେଶ ରୂପରେ ଜଗନ୍ନାଥ ଶୋଭାପାଆନ୍ତି । ଏହାପରେ କର୍ପୂର ଓ ଚନ୍ଦନ ଲାଗି କରାଯାଇ ଭୋଗ ଲାଗି କରାଯାଏ ।ଏଠାରେ ସୂଚନାଯୋଗ୍ୟଯେ ଏହିଦିନ ମାତ୍ର ଗୋଟିଏ ଭୋଗ କରାଯାଏ । ଏଥୁ ଅନ୍ତେ ଭକ୍ତମାନଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଏ । ଏହାପରେ ରାତିରେ ଶ୍ରୀମନ୍ଦିରରେ ଜିଉମାନଙ୍କୁ ରତ୍ନ ସିଂହାସନ ଉପରେ ନ ବସାଇ ଏକାନ୍ତ ଭାବେ ଅଣସର ଘରେ ୧୫ ଦିବସାବଧି ଏବଂ ବିଧି ଅନୁଯାୟୀ ପୂଜା କରାଯାଏ । ଅଣସର ୧୫ ଦିନ ପାଇଁ ସର୍ବସାଧାରଣଙ୍କୁ ଜିଉ ମାନଙ୍କ ଦର୍ଶନ ନିଷେଧ କରାଯାଇଛି । ବାୟୁପୁରାଣରେ ଉଲ୍ଲେଖ୍ୟାନୁସାରେ:

"ତତଃ ପଞ୍ଚ ଦଶାହାନି ମମ ସ୍ନାନାଦନନ୍ତରମ୍ ।
ସ୍ୱରୂପାଂ ବା ବିରୂପାଂ ବା ନପଶ୍ୟେତ ପ୍ରତିମାଂ ମମ ॥"

ଅର୍ଥାତ୍ ମୋତେ କେହି ଏ ଅବସରେ ପନ୍ଦରଦିନ ଦର୍ଶନ କରିବେ ନାହିଁ। ଏହା ଜିଉମାନଙ୍କର ଗୋପନପୂଜା ।

ଅଣସର ଗୃହ ଏକ ଆବଦ୍ଧ ଗୃହ । ଏହି ଆବଦ୍ଧ ଘରେ ମାତ୍ର ଦୀପଟିଏ ଜଳୁଥାଏ । ଏଠାରେ କେବଳ ଦଇତା ସେବକମାନେ ଅର୍ଥାତ୍ ବିଶ୍ୱବସୁଙ୍କର ବଂଶଧର ସେବାକାର୍ଯ୍ୟ କରନ୍ତି । ବର୍ଷକ ୧୨ ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣମାନଙ୍କ ସେବା ୧୧ମାସ ଏବଂ ଦଇତାମାନଙ୍କ ସେବା ଏକମାସ ଯାହାକି ଆଷାଢ଼ କୃଷ୍ଣ ପ୍ରତିପଦାରୁ ଗୁଣ୍ଡିଚାପରେ ପୁନଶ୍ଚ ନିଳାଦ୍ରୀ ବିଜେ ଯାଏଁ କରାଯାଏ । ଜଗନ୍ନାଥ ସର୍ବ ଧର୍ମର ସମନ୍ୱୟକାରୀ ଠାକୁର । ସେ ଜାତି ଓ ଧର୍ମର ଊର୍ଦ୍ଧ୍ୱରେ । ତାଙ୍କ ପାଖରେ ଛୁଆଁ ଅଛୁଆଁର କୌଣସି ଭେଦଭାବ ନାହିଁ । ସେ ଆର୍ଯ୍ୟର ଦେବତା ଏବଂ ଅନାର୍ଯ୍ୟର ଦେବତା । ଏଣୁ ଏହି ଅଣସର ସେବାକାର୍ଯ୍ୟରେ ଦଇତାପତିମାନଙ୍କର ଯେଉଁ ଅଧିକାର ଥାଏ, ଏହା ଆର୍ଯ୍ୟ ଅନାର୍ଯ୍ୟର ସଂସ୍କୃତିର ମିଳନକୁ ବୁଝାଏ ।

ଅଣସର ଦୁଇ ପ୍ରକାର : ସାଧାରଣ ଅଣସର ଯାହାକି ୧୫ଦିନ ପାଇଁ ପ୍ରତିବର୍ଷ ଗୁଣ୍ଡିଚାଯାତ୍ରା ପୂର୍ବରୁ କରାଯାଏ ଏବଂ ମହାଅଣସର ଯାହାକି ୪୫ଦିନ ପ୍ରତି ନବକଳେବର ପୂର୍ବରୁ ପାଳିତ ହୁଏ । ପ୍ରଥମଟିରେ ବିଗ୍ରହମାନଙ୍କର ପରିବର୍ତ୍ତନ ହୁଏ ନାହିଁ; କିନ୍ତୁ ଦ୍ୱିତୀୟଟିରେ ବିଗ୍ରହମାନଙ୍କର ପରିବର୍ତନ ହୁଏ ବୋଲି ଏହାକୁ ନବକଳେବର କୁହନ୍ତି ।

କୁହାଯାଇଛି : ଯଥା ଦେହେ, ତଥା ଦେବେ । ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣପିଣ୍ଡ । ସେ ଓଡ଼ିଆ ଜାତିର ନେତା, କର୍ତା ଏବଂ ତାଙ୍କଠି ମାନବତ୍ୱ ଆରୋପ କରାଯାଇଥିବାରୁ, ସେ ମାନବଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ତାଙ୍କୁ ପୁରୁଷୋତମ କୁହାଯାଏ । ମାନବ ଜୀବନ, ଜନ୍ମ, ଯନ୍ତ୍ରଣା, ରୋଗ, ଶୋକ ଏବଂ ମୃତ୍ୟୁ ସହିତ ପୂର୍ବ ବିବନ୍ଧିତ । ଏଣୁ ଜଗନ୍ନାଥ ଯେତେବେଳେ ମାନବ ବୋଲି କଳ୍ପିତ, ତେଣୁ ସେ ଏଥିରୁ ବଞ୍ଚିତ ହେବେ କିପରି । ତାଙ୍କୁ ବି ମଣିଷପରି ସବୁଦଶା ଭୋଗିବାକୁ ପଡ଼ିବ । ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନଂ ।

ସ୍ନାନ ଜନିତ ଜ୍ୱର ଯୋଗୁଁ ଠାକୁରମାନଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ ତାଙ୍କର ଚିକିତ୍ସା କରାଯାଏ । ଏହି ବିଶ୍ରାମ ବେଳେ ସମ୍ପୂର୍ଣ୍ଣ ନିରବତା ରକ୍ଷା କରିବାକୁ ଦରକାର ହୋଇଥାଏ । କୋଳାହଳ ଏବଂ ଶବ୍ଦ ଦୂରରେ ରଖିବାପାଇଁ ତାଙ୍କର ଏହି ଗୁପ୍ତ ପୂଜା କରାଯାଏ । ଏହି ପୂଜାର ଅଧିକାରୀ କେବଳ ଦଇତାପତିମାନେ । ସେ ଜଗନ୍ନାଥଙ୍କର ଜ୍ୱରକାଳୀନ ସେବା ଏବଂ ଚିକିତ୍ସା କରନ୍ତି । ପଣାପାଣି, ଜଙ୍ଗଲର ଫଳମୂଳ ଓ ଚେରମୂଳି ଇତ୍ୟାଦି ଦିଅନ୍ତି । ଅଣସର ଗୃହରେ ଜିଉମାନେ ପୂଜିତ ହେଲାବେଳେ ବାହାରେ ପଟିଦେବତା, ଦଶ ଅବତାର ଠାକୁରମାନେ ରୀତିନୀତି ଅନୁସାରେ ପୂଜିତ ହୁଅନ୍ତି । ଏହି ଦଶଅବତାର ପଟ୍ଟଚିତ୍ରମାନେ ହେଲେ- ଜଗନ୍ନାଥଙ୍କ ପ୍ରତୀକ : ଚତୁର୍ଭୁଜ ନାରାୟଣ ଏବଂ ତାଙ୍କ ସମ୍ମୁଖରେ କୃଷ୍ଣ ଓ ମଦନମୋହନ; ବଳଭଦ୍ରଙ୍କ ପ୍ରତୀକ ପଟ୍ଟଚିତ୍ର : ବାସୁଦେବ ଏବଂ ତାଙ୍କ ସମ୍ମୁଖରେ ଅବସ୍ଥାପିତ ରାମ, ନୃସିଂହ ଏବଂ ଦୋଳଗୋବିନ୍ଦ; ସୁଭଦ୍ରାଙ୍କ ପ୍ରତୀକ : ଭୁବନେଶ୍ୱରୀ ଏବଂ ତାଙ୍କ ସମ୍ମୁଖରେ ମହାଲକ୍ଷ୍ମୀ ଓ ଶ୍ରୀଦେବୀ (ସରସ୍ୱତୀ) ଇତ୍ୟାଦି । ଅଣସର ପରେ ଏହି ଦଶାବତାରମାନେ ତିନିରଥରେ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି । ଏଣୁ ଗୁଣ୍ଡିଚାର ଅନ୍ୟନାମ ଆଡ଼ପ ଯାତ୍ରା ଏବଂ ଦଶାବତାର ଯାତ୍ରା । ଅଣସର ବେଳେ ଜୀଉମାନେ ଦର୍ଶନ ହୋଇ ପାରୁନଥିବା ହେତୁ ଭକ୍ତମାନେ ବାହାରେ ଏହି ପଟିଦେବତାମାନଙ୍କୁ ହିଁ ଦର୍ଶନ କରିଥାଆନ୍ତି ।

ଅଣସର ଘରେ ଜିଉମାନଙ୍କୁ ଯେଉଁ ୧୫ଦିନ ରୁହନ୍ତି ସେଗୁଡ଼ିକର କାର୍ଯ୍ୟକ୍ରମକୁ ଏହି ମତେ ବର୍ଣ୍ଣନା କରାଯାଇଛି ।

**କରାଳକର୍ମ :** ଠାକୁରମାନଙ୍କର ମରାମତି ଏବଂ ଅଙ୍ଗଫିଟା କର୍ମ ବୋଲି ଏହାକୁ କୁହାଯାଏ । ଏହା ଆଷାଢ଼ ପ୍ରତିପଦରୁ ଚତୁର୍ଥୀଯାଏଁ ଚାଲେ । ଏହି କର୍ମରେ ଠାକୁରମାନଙ୍କର ଅଙ୍ଗର ବସ୍ତ୍ରକୁ ଉତାରି କରାଳକାମ କରାଯାଏ ବୋଲି ଦର୍ଶନ ନିଷେଧ । ଏହାକୁ ଗୁପ୍ତ ନୀତି ବା ସେବା କୁହାଯାଏ ।

**ଫୁଲୁରି ଓ ତେଲଲାଗି ସେବା :** ପଞ୍ଚମିରୁ ସପ୍ତମୀ ଯାଏଁ ଏହି ସେବା କରାଯାଏ । ଏହି ସେବାପାଇଁ ଆବଶ୍ୟକୀୟ ପଦାର୍ଥ ଯଥା ପିଙ୍ଗଳ, ପରଖ, ରାଶିତେଲ, ଚୂଆ ଏବଂ କର୍ପୂର ଇତ୍ୟାଦି ଯୋଗାଇଥାନ୍ତି ବଡ଼ ଓଡ଼ିଆ ମଠ । ଏସବୁ ମିଶ୍ରିତ କରାଇ ଠାକୁରମାନଙ୍କୁ ଲାଗି କରାଯାଏ । ଏହା ପୂର୍ବ ବର୍ଷ ହେରା ପଞ୍ଚମୀ ଠାରୁ ମାଟି ତଳେ ପୋତାହୋଇ ରଖାଯାଇଥାଏ ।

**ପଟ୍ଟବନ୍ଧନ ବା ଶ୍ରୀ କପଡା ଉତ୍ସବ :** ଏହା ଅଣସର ଅଷ୍ଟମୀରେ କରାଯାଏ । ଏହିଦିନ ଜୀଉମାନଙ୍କୁ କପଡ଼ା ବନ୍ଧନ / ମଣ୍ଡନ କରାଯାଏ ।

**ମସୃଣ ଲେପନ :** ଏହା ଅଣସରର ନବମୀଦିନ ପାଳିତ ହୁଏ । ଏହି ଦିନ ଜିଉମାନଙ୍କୁ ଚନ୍ଦନ, କର୍ପୂର, ରାଶିତେଲ ଏବଂ ଝୁଣା ଇତ୍ୟାଦି ଲେପନ କରାଯାଏ ।

**ଚକାବିଜେ :** ଏହା ଅଣସରରର ଦଶମୀ ଉତ୍ସବ । ଏହିଦିନ ତିନୋଟି ପଥର ଚକତି ଉପରେ ଜିଉମାନଙ୍କୁ ଅବସ୍ଥାପିତ କରି କସ୍ତୁରୀ, କୁଙ୍କୁମ ଇତ୍ୟାଦି ଲେପନ କରାଯାଏ । ଏହି ଚକତି ମଧ୍ୟରୁ ଗୋଟିକରେ ଶ୍ରୀ ଜଗନ୍ନାଥ ଏବଂ ସୁଦର୍ଶନ ଏବଂ ଅନ୍ୟ ଗୋଟିଏ ଲେଖାଏଁରେ ବଳଭଦ୍ର ଓ ସୁଭଦ୍ରା ଅବସ୍ଥାପିତ ହୁଅନ୍ତି ।

**ଚନ୍ଦନ ଲାଗି :** ଏହା ଅଣସରରେ ଏକାଦଶୀ ଦିନ ପାଳିତ ହୁଏ । ଏହି ଦିନ ଚନ୍ଦନ ସହ, କର୍ପୂର, ଚୂଆ ,କସ୍ତୁରୀ ଏବଂ କୁଙ୍କୁମ ଇତ୍ୟାଦି ମିଶ୍ରିତ ହୋଇ ଜୀଉମାନଙ୍କୁ ଲେପନ କରାଯାଏ । ଏଥିରେ ଚନ୍ଦନର ମାତ୍ରା ଅଧିକ ଥିବା ହେତୁ, ଏହାକୁ ଚନ୍ଦନ ଲାଗି କୁହନ୍ତି । ଖାଲି ସେତିକି ନୁହେଁ । ଜୀଉମାନଙ୍କ ଆରୋଗ୍ୟପାଇଁ ଦଶମୂଳ ମୋଦକ ମଧ ଲାଗିକରାଯାଏ ।

**ଓଷାଲାଗି :** ଏହା ଅଣସରର ଦ୍ୱାଦଶୀଦିନ କଥା । ଠାକୁରମମାନଙ୍କୁ ଚନ୍ଦନ ଇତ୍ୟାଦି ଲେପନ କରାଯାଇ ପ୍ରାସାଦ ବିଜେ କରାଯାଏ ।

**ଅଣସର ତ୍ରୟୋଦଶୀ :** ଏହିଦିନ ଜିଉମାନଙ୍କର ଘଣା ଲାଗି ଓ ପାଟବସ୍ତ୍ରର ପୟର ପୂଜା ହୁଏ ।

**ଅଣସର ଚତୁର୍ଦ୍ଦଶୀ :** ଏହିଦିନ ବନକ ଲାଗି କରାଯାଏ ଏବଂ ଚକା ଅପସର ନୀତି ହୁଏ । ଏହାହିଁ ଅଣସରର ଶେଷ ଦିବସ ।

**ଉଭା ଅମାବାସ୍ୟା :** ଏହା ଆଷାଢ଼ ଅମାବାସ୍ୟା କଥା । ଏହିଦିନ ଦର୍ଶନ ନିମନ୍ତେ ଠାକୁରମାନଙ୍କୁ ଉଭା କରାଯାଏ ବୋଲି , ଏହାର ନାମ ଉଭା ଅମାବାସ୍ୟା । ଏହିଦିନ ଜିଉମାନଙ୍କର ମଧ ନବଯୌବନ ଦର୍ଶନ କରାଯାଏ ।

**ନେତ୍ରୋତ୍ସବ :** ନବଯୌବନ ଦର୍ଶନର ଦୁଇଦିନ ପୂର୍ବରୁ ଜିଉମାନଙ୍କର ରଙ୍ଗ କାମ କରାଯାଏ । ହେଲେ ସେତେବେଳେ ଆଖିର ରଙ୍ଗ ସମ୍ପୂର୍ଣ୍ଣ କଳା କରାନଯାଇ କିଛି ବାକି ଛଡ଼ାଯାଇଥାଏ । ଏହା ଆଷାଢ଼ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଶ୍ରୀଗୁଣ୍ଡିଚା ପୂର୍ବଦିନ ପୂର୍ଣ୍ଣହୁଏ । ଏଣୁ ଏହାର ନାମ ନେତ୍ରୋତ୍ସବ । ଏହା ପରଦିନ ଜିଉମାନେ ଗୁଣ୍ଡିଚା ବିଜେ କରନ୍ତି ।

**ଅନବସର ସଂପର୍କିତ କିଛି କାହାଣୀ -**

**କର୍ଣ୍ଣମାଗିରୀ :** କର୍ଣ୍ଣମାଗିରୀ ଜଣେ ବିଖ୍ୟାତ ତାନ୍ତ୍ରିକ । ସେ ଅଣସର ଘରର ରହସ୍ୟ ଜାଣିବା ପାଇଁ ଗୁପ୍ତରେ ଅନେକଥର ଅଣସର ଗୃହରେ ପ୍ରବେଶ କରିଥିଲେ ହେଁ ସେ ତାହାର ରହସ୍ୟ ଭେଦ କରିନପାରି ବାଉଳି ହୋଇଯାଇଥିଲେ । ଶେଷରେ ପ୍ରାଣ ବିକଳରେ ଅଣସର ଘରୁ ନିବୃତ୍ତି ନେଇ ରାଜାଙ୍କ ଶରଣାପନ୍ନ ହେଲେ ଏବଂ ତାଙ୍କ ଠାରୁ ଖଣ୍ଡିଏ ଜମି ମାଗି ପୁରୀରେ ମଠକରି ରହିଲେ ।

**ଅଲାରବନ୍ଧାଚାର୍ଯ୍ୟ :** ଇଏ ଜଣେ ମହାରାଷ୍ଟ୍ରୀ । ଅଣସର ସମୟରେ ପୁରୀଆସି ଜିଉମାନଙ୍କୁ ଦେଖା ନପାଇବାରୁ ପ୍ରାଣ ବିସର୍ଜନ ନିମନ୍ତେ ସମୁଦ୍ରକୁ ଯାଉଯାଉ ବ୍ରହ୍ମଗିରୀଠାରେ ପହଞ୍ଚିଗଲେ । ସେଠରେ ସେ କାଠରେ ଅଗ୍ନି ସଂଯୋଗକ କରି ଆତ୍ମଉତ୍ସର୍ଗପାଇଁ ଉଦ୍ୟତବେଳେ ଜଗନ୍ନାଥ ତାଙ୍କୁ ଏକ ପଙ୍ଗୁରୂପେ ଦେଖାଦେଇ ଅଣସର ଘରର ବୃତ୍ତାନ୍ତ କହିଲେ । ଏହି ଅଣସର ଦିବସରେ ଅଲାରବନ୍ଧାଚାର୍ଯ୍ୟ ଜଗନ୍ନାଥଙ୍କୁ ବ୍ରହ୍ମଗିରୀଠାରେ ଦେଖାପାଇଥିବାରୁ, ଏଠାରେ ଜଗନ୍ନାଥଙ୍କୁ ଅଲାରନାଥ ରୂପେ ପୂଜା କରାଯାଏ । ଅଣସର ବେଳେ ଭକ୍ତମାନେ ବ୍ରହ୍ମଗିରୀ ଆସି ଅଲାରନାଥ ଦର୍ଶନ କରନ୍ତି ।

**ରାଘବ ଦାସ :** ଅଣସର ସମୟରେ ମନ୍ଦିର ନିର୍ମାଣ ପାଇଁ ନରେନ୍ଦ୍ର ପୁଷ୍କରିଣୀ ନିକଟସ୍ଥ ଚାର ଗଣେଶଙ୍କ ପାଖରେ ଚାର ବନ୍ଧା ନିର୍ମାଣବେଳେ ଶବ୍ଦ ଓ ଗହଳି ଯୋଗୁଁ ଜିଉମାନଙ୍କର ଅଣସର ଜନିତ ବାଧା ସୃଷ୍ଟି ହୋଇଥିଲା। ତାହାର ପ୍ରତିକାର ସ୍ୱରୂପ ଚନ୍ଦନ ଲେପନ ରାଘବ ଦାସ ଏବଂ ଅନ୍ୟାନ୍ୟ ଶିଳ୍ପୀମାନେ କରିଥିବାରୁ, ସେହିଦିନଠାରୁ ଏହି ପ୍ରଥା ଚଳିଆସୁଛି ଓ ରାଘବ ଦାସ ମଠରୁ ଏକାଦଶୀ ଦିନ ସାଢ଼େ ସାତସେର ଚନ୍ଦନ ଆସି ଜିଉମାନଙ୍କୁ ଲାଗି ହେଉଛି।

**ମାଧବଦାସ :** ଏଇ ଜଣେ ଭକ୍ତ। ଅସୁସ୍ଥତା କାରଣ ହେତୁ କାହାକୁ କଷ୍ଟ ନ ଦେବାକୁ ଇଚ୍ଛା ନ କରି ସ୍ୱର୍ଗଦ୍ୱାରସ୍ଥ ଶ୍ମଶାନ ଘାଟରେ କାଳ ଯାପନ କରୁଥିଲେ । ସେଠାରେ ଜଗନ୍ନାଥ ଓ ବଳଭଦ୍ର ଦୁଇ ବାଳକ ରୂପରେ ଯାଇ ତାଙ୍କ ସେବା କଲେ । ସେ ଜିଉମାନଙ୍କର ପରିଚୟ ପାଇଲେ ଏବଂ ତାଙ୍କ ଠାରୁ ମୃତ୍ୟୁ କିମ୍ବା ଆରୋଗ୍ୟ ଭିକ୍ଷା କଲେ । ମାଧବ ଦାସ ଆରୋଗ୍ୟ ହେଲେ ଏବଂ ମନ୍ଦିରକୁ ଜିଉମାନଙ୍କର ଦର୍ଶନ ନିମନ୍ତେ ଆସିଲାବେଳକୁ ସେମାନେ ପୀଡ଼ିତ ଥାଇ ଅଣସର ଘରେ ସେବା ପାଉଛନ୍ତି ବୋଲି ଜାଣିଲେ। ସେ ଭାବିଲେ ବୋଧହୁଏ ଠାକୁରେ ତାଙ୍କ ସେବା କରି ଜ୍ୱରରେ କର୍ମକ୍ଲାନ୍ତ ଯୋଗୁଁ ପୀଡ଼ିତ ହୋଇଗଲେ । ଏହା ତାଙ୍କୁ ବାଧିଲା । ସେ ଚେତାହରାଇଲେ ଏବଂ ସ୍ୱର୍ଗପ୍ରାପ୍ତି ହେଲେ । ଏମିତି ଅନେକ କାହାଣୀ ଶୁଣାଯାଏ ଯାହାକି ଅଣସର ସମୟର ଚମତ୍କାରିତା ବିଷୟରେ ସୂଚିତ କରେ ।

ଅଣସର ମାନବୋଚିତୋ ସେବା, ଶୁଶ୍ରୁଷ, ବିଶ୍ରାମ, ରୋଗ, ପଥି ଏବଂ ପାଞ୍ଚନ ଇତ୍ୟାଦିର ଠାକୁରମାନଙ୍କର ଏକ ନୀତି । ସୁସ୍ଥ ଶରୀରରେ ଶ୍ରମ ସାଧନ ହିଁ କରାଯାଏ ଏବଂ ପୁନଃ ଏହି ସୁସ୍ଥତା କାର୍ଯ୍ୟକ୍ଷମ ପାଇଁ ଶକ୍ତି ଯୋଗାଏ, ନବ ଉନ୍ମାଦନା ଏବଂ ପ୍ରେରଣା ଦିଏ ତଥା ପ୍ରଫୁଲ୍ଲତା ଦିଏ । ପରାର୍ଥେ ଏ ଜୀବନ । ଦେହ ଥିଲେ କାହାର ସେବା କରିହେବ। ଏଣୁ ଦେହ ଆଗ । ପ୍ରଭୁମାନଙ୍କର ଅଣସର ସେବା ଏହି 'ଦେହ ଆଗ'ର ଏକ ନିର୍ଦ୍ଦେଶନ । ଏହି ଦଇତାମାନଙ୍କ ସେବା ମଧ ସୂଚେଇ ଦିଏ ସେ ଜାତି, ଭେଦ ଏବଂ ସ୍ପର୍ଶ ଅସ୍ପର୍ଶର ଊର୍ଦ୍ଧ୍ୱରେ, ସେ ସମସ୍ତଙ୍କର। ଏଥିପାଇଁ ତାଙ୍କର ଅଣସର ଓ ରଥଯାତ୍ରାର ଏକ ଅଭିନୟ କଳ୍ପନା ତା' ମାୟା ତାକୁ ହିଁ ଗୋଚର । ଜୟ ଜଗନ୍ନାଥ ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୪୧୩୮


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଜୀ ସାର୍ଥକ ସବୁଠୁ ଅଗ୍ରଣୀ ଓ ଜନପ୍ରିୟ ଓଡିଆ ମନୋରଂଜନ ଚ୍ୟାନେଲ



ଭୁବନେଶ୍ୱର, (ପି.ଏନ): ଜୀ ସାର୍ଥକ ସବୁଠୁ ଅଗ୍ରଣୀ ଓ ସବୁଠୁ ଜନପ୍ରିୟ ଓଡିଆ ମନୋରଂଜନ ଚ୍ୟାନେଲ ତାର ଓଡିଆ ଦର୍ଶକମାନଙ୍କ ସହ ଦୀର୍ଘ ଦିନରୁ ସୁସମ୍ପର୍କକୁ ଏକ ମହତ୍ୱପୂର୍ଣ୍ଣ ରୂପ ଦେବା ପାଇଁ ଏବଂ ଓଡିଶାର ନାରୀମାନଙ୍କ ପ୍ରତି ଉଚ୍ଛ୍ୱସିତ ପ୍ରଶସ୍ତି ଜଣାଇବା ପାଇଁ ଗୀତିକବିତା ମାଧ୍ୟମରେ ଆଜି ଏକ ନୂତନ ପ୍ରଚାରଭିଯାନ ଆରମ୍ଭ କରିଛି । ଓଡିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣୀତ ତଥା ଉତ୍କଳୀୟ ନାରୀର ବୈଶିଷ୍ଟ୍ୟ ଓ ଚମତ୍କାର ଗୁଣାବଳୀ ସହିତ ଅଦମ୍ୟ ମନୋବଳ ପ୍ରତିଫଳିତ ହେଉଥିବା ଚ୍ୟାନେଲର ଜନପ୍ରିୟ ଚରିତ୍ରଗୁଡିକ ଆଧାରରେ ନୂଆ ପ୍ରଚାରଭିଯାନଟି ପ୍ରସ୍ତୁତ କରାଯାଇଛି । ଏହି କ୍ୟାମ୍ପେନରେ ଗୀତଟି ଗାଇଛନ୍ତି ସୁପ୍ରସିଦ୍ଧ ପ୍ଲେ ବ୍ୟାକ୍ ସିଙ୍ଗର ଆକୃତି କାକର ଏବଂ ସଂଗୀତ ପରିଚାଳନା କରିଛନ୍ତି ଇନ୍ଦ୍ରଜୀତ ଦାସଗୁପ୍ତା । ଏହି ଚ୍ୟାନେଲର ଲକ୍ଷ୍ୟ ହେଉଛି ସମ୍ପୂର୍ଣ୍ଣ ଭିନ୍ନ ଧରଣର ଶୋ' । ସମ୍ପର୍କ ବନ୍ଧନରେ ବାନ୍ଧି ହେଉଥିବା ସରସ କାହାଣୀ ଏବଂ ସଦ୍ୟ ପରିବର୍ତ୍ତିତ ବ୍ରାଣ୍ଡ ପରିଚୟ, ଯାହାକି ସାମଗ୍ରିକ ଭାବେ ଆଣିଦିଏ ଏକ ବର୍ଦ୍ଧିତ ଦର୍ଶକଙ୍କ ଅନୁଭୂତି – ଏହିସବୁ ମାଧ୍ୟମରେ ଏଇ ଚ୍ୟାନେଲର ଆଭିମୁଖ୍ୟ ହେଉଛି ଦର୍ଶକମାନଙ୍କ ସହିତ ସମ୍ପର୍କକୁ ଆହୁରି ନିବିଡ କରିବା । ବିଗତ କିଛି ବର୍ଷ ମଧ୍ୟରେ ଜୀ ସାର୍ଥକ ତାର ଜନପ୍ରିୟ ଓ ପ୍ରଧାନ ଶୋ' ଗୁଡିକ ଯେପରି ଝିଲୀ, ବିଜୟିନୀ, ସନାଝିଅ ସାଙ୍ଗକୁ ଦିଦି ନଂ ୧, ସାରେଗାମାପା ଏବଂ ଆହୁରି ଅନେକଗୁଡିଏ ଆଇପି ଫର୍ମାଟକୁ ନେଇ ନିଜର ପ୍ରାଧାନ୍ୟ ଯଥେଷ୍ଟ ବଢ଼ାଇଛି । ଫିକସନ ଓ ନନଫିକସନ ଶୋ' ଗୁଡିକର ଉତ୍ତମ ମିକ୍ସ ତିଆରି ଓ ସଂଗ୍ରହ, ଯାହା ଦର୍ଶକମାନଙ୍କ ମଧ୍ୟରେ ଅନବରତ ବ୍ୟାପକ ଜନପ୍ରିୟତା ସୃଷ୍ଟି କରି ଆସୁଛି, ସେ କ୍ଷେତ୍ରରେ ପ୍ରଧାନ ଚ୍ୟାନେଲ ହିସାବରେ ଜୀ ସାର୍ଥକ ଦୃଢ଼ ଭାବରେ ଅନୁସରଣ କରିଚାଲିଛି ଏକ ଉପଭୋକ୍ତା କେନ୍ଦ୍ରିକ ଦୃଷ୍ଟିଭଙ୍ଗୀ । ସମ୍ପୂର୍ଣ୍ଣ ନୂଆ କ୍ୟାମ୍ପେନଟିରେ ରହିଛି ଉତ୍କଳୀୟ ନାରୀମାନଙ୍କର ଆବେଗ ଓ ନମନୀୟତା ଯାହା ଚ୍ୟାନେଲର ବିଷୟବସ୍ତୁ ବା କଣ୍ଟେଣ୍ଟ ତତ୍ୱ ମଧ୍ୟରେ ପ୍ରତିଫଳିତ । ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀ ପ୍ରତିକ ସିଲ୍ ଚ୍ୟାନେଲର ନୂଆ କ୍ୟାମ୍ପେନ ବିଷୟରେ ଦର୍ଶାଇ କହିଥିଲେ "ଆମେ ଆଶା କରୁ ଦର୍ଶକଙ୍କ ପ୍ରଥମ ଫିଲୋସଫି ବିଷୟରେ ଅବଗତ ହୋଇ ଆମର ଦର୍ଶକମଣ୍ଡଳୀଙ୍କୁ ଅବ୍ୟାହତ ମନୋରଂଜନ ଦେଇପାରିବୁ । ଝିଲୀ ଓ ଦିଦି ନଂ ୧ ଭଳି ସାମ୍ପ୍ରତିକ ଶୋ'ରୁ ଯେଉଁ ସାଫଲ୍ୟ ମିଳିଛି, ତାହା ଆହୁରି ସୁନ୍ଦର ମନୋରଂଜନ ପ୍ରଦାନ କରିବା ପାଇଁ ଆମର ପ୍ରତିଶ୍ରୁତିକୁ ଅଧିକ ଦୃଢ଼ କରିବାର ବଡ ଭୂମିକା ଦେଇଛି । ଆଗାମୀ ଦିନରେ ଆମ ଦର୍ଶକମଣ୍ଡଳୀଙ୍କ ପାଇଁ ଆମ ପାଖରେ ରହିଛି ବିଶେଷ ଆକର୍ଷକଣୀୟ କଣ୍ଟେଣ୍ଟ ମାନ , ଯାହା ମଧ୍ୟରେ ଅଛି ନୂଆ ସିଜିନର ଖୁବ ଜନପ୍ରିୟ ଶୋ' ସା ରେ ଗା ମା ପା, ଡ୍ୟାନ୍ସ ଓଡିଶା ଡ୍ୟାନ୍ସ ଏବଂ ଆହୁରି ଅନେକ ନୂଆ କାହାଣୀ । ଆମେ ମଧ ବହୁ ପ୍ରତ୍ୟାଶିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ରଥଯାତ୍ରାର ଧାରା ବିବରଣୀ ସମ୍ପ୍ରସାରଣ କରିବୁ । ଚ୍ୟାନେଲର ମନୋରଂଜନ କ୍ଷେତ୍ରରେ ସାଫଲ୍ୟ ରହିଛି, ସମ୍ପୂର୍ଣ୍ଣ ନୂଆ ବ୍ରାଣ୍ଡ ପରିଚୟ ହେଉଛି ଆଉ ଏକ ଉଚ୍ଚତା, ଯାହା ଆମର ଦର୍ଶକ ଅନୁଭୂତି ବଢ଼ାଇବା ସହିତ ଦର୍ଶକମଣ୍ଡଳୀଙ୍କ ସହ ଆମର ସମ୍ପର୍କକୁ ଆହୁରି ଘନିଷ୍ଠ କରିବ ।"

## ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,(ପି.ଏନ): ପହିଲି ରଜ ଅବସରରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀ ରାମନଗର ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ କବିତା ପାଠୋତ୍ସବ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୌରପାଳିକାର ଉପାଧ୍ୟକ୍ଷ ସୌର୍ଯ୍ୟରଂଜନ ମହାନ୍ତି, ଉତ୍କଳ ସମ୍ମିଳନୀର ରାଜ୍ୟ ସଂପାଦକ ବିଚିତ୍ର କୁମାର ବଡ଼ଜେନା, ଶିକ୍ଷାବିତ୍ ଦୟାନିଧି ସାହୁ, ପ୍ରାବନ୍ଧିକା ବିଳାସିନୀ ଦାଶ, ଡ. ଚପଳା ପଣ୍ଡା ଓ ଆଡଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇଥିଲେ ।

## ଡ୍ୟାନ୍ସ ଏକାଡେମୀ ଫୁଲବାଣୀର ୨୨ତମ ବାର୍ଷିକ ଉତ୍ସବ ରଜ ମଉଜ ଧୁମଧାମରେ ପାଳିତ

ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲାର ଗାନ୍ଧୀ ସ୍ମୃତି ଭବନ ଠାରେ ଡ୍ୟାନ୍ସ ଏକାଡେମୀ ଫୁଲବାଣୀର ୨୨ ତମ ବାର୍ଷିକ ଉତ୍ସବ ରଜ ମଉଜ ଧୁମଧାମରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିପିନ ବିହାରୀ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ପିଏ ଆଇ ଟି ଡି ଏ ବୀରେନ୍ଦ୍ର କୁମାର ଦାସ ଯୋଗ ଦେଇ ଏମିତି କୌଣସି ପର୍ବ ନାହିଁ ଯେଉଁଥିରେ ପ୍ରଭୁ ଜଗନ୍ନାଥ ଙ୍କ ଉପସ୍ଥିତି ନାହିଁ ଠିକ ସେହିପରି ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ପ୍ରତି ବର୍ଷ ପାଳନ କରୁଛି ତେଣୁ ପ୍ରଭୁ ଜଗନ୍ନାଥ ଏହି ଏକାଡେମୀକୁ ଆଶୀର୍ବାଦ କରନ୍ତୁ ବୋଲି କହିଥିଲେ । ସଂମ୍ମାନୀତ ଅତିଥି ଭାବରେ ଫୁଲବାଣୀ ପୋ ?ରାଧକ୍ଷା ସ୍ମିତା ରାଣୀ ମହାନ୍ତି ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । କନ୍ଧମାଳ ଜିଲ୍ଲାର ଚଳଚ୍ଚିତ୍ର ପ୍ରଜୋଜକ ପ୍ରଶାନ୍ତ କୁମାର ନାୟକ ଉପସ୍ଥିତ ରହି ଡ୍ୟାନ୍ସ ଶିକ୍ଷା ଦେବା ସହ ଅଭିନୟ ଶିକ୍ଷା ପାଇଁ ଡ୍ୟାନ୍ସ ଏକାଡେମୀର ସମ୍ପାଦକ ସରୋଜ କୁମାର ପାତ୍ରଙ୍କୁ ଅନୁରୋଧ କରିଥିଲେ ।ଅନ୍ୟତମ ଅତିଥି ଭାବେ ଶ୍ରମିକ ନେତା ଘନ ଶବର ଉପସ୍ଥିତ ରହି ଡ୍ୟାନ୍ସ ଏକାଡେମୀ ଆଗକୁ ବଢ଼ିବା ପାଇଁ ଉତରୋତ୍ତର ଉର୍ଣ୍ଣତି ପାଇଁ କାମନା କରିଥିଲେ ।ଏଥି ସହିତ ଅନ୍ୟତମ ଅତିଥି ଆଇନଜୀବୀ, ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା ଡ୍ୟାନ୍ସ ଏକାଡ ?ମୀର ଆଇନ ପରାମର୍ଶ ଦାତା ସତ୍ୟ ନାରାୟଣ ବେହେରା ଉପସ୍ଥିତ ରହି ସମସ୍ତେ ସାହାଯ୍ୟ ସହଯୋଗ କରନ୍ତୁ ଯେପରି ଆଗକୁ ବଢ଼ି ପାରିବ । ଏକାଡେମୀର ସଭାପତି ଭାଗିରଥୀ ବେହେରା ସମସ୍ତଙ୍କ ସହଯୋଗରେ ଏହି ଅନୁଷ୍ଠାନ ଚାଲିଥିବା ରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଏକାଡେମୀର ଦୁଇ ନୃତ୍ୟ ଶିକ୍ଷକ ସୁମନ ବେହେରା ଓ ଲିସା ବେହେରାଙ୍କୁ ଉପଢୌକନ ସହ ୫୦୦୦ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛତୁଚାଷ ଓ ନର୍ସରୀରେ ସଫଳତା




ଚଣ୍ଡିଖୋଲ, (ପି.ଏନ); ବଡଚଣା ବ୍ଲକ ଭୁଷଣ୍ଡପୁର ଗ୍ରାମର ସନ୍ଧ୍ୟାରାଣି ମାହାଲା ଆଜି ଚତୁଚାଷରେ ସଫଳତା କରି ଶ୍ରୀହରି ନର୍ସରୀର ଶୁଭାରମ୍ଭ କରିଛନ୍ତି । ଶ୍ରୀମତୀ ମାହାଲା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ଗ୍ରାମାଂଚଳରେ ମହିଳା ମାନଙ୍କର ଆର୍ଥିକ ବିକାଶ ପାଇଁ ଅଂଟା ଭିଡିଛନ୍ତି । ଲୋକ ବିକାଶ ନାମକ ଏନଜିଓ ଗ୍ରୁପର ପରାମର୍ଶ କ୍ରମେ ୧୯୯୬ ମସିହାରେ ଛତୁଚାଷ ଆରମ୍ଭ କରି ଗ୍ରାମାଂଚଳର ମହିଳାମାନଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରିଛନ୍ତି । ବଡଚଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ମାନଙ୍କ ପ୍ରଚେଷ୍ଟାରେ ଛତୁଚାଷକୁ ଅଗ୍ରଣି କରି ରାଜ୍ୟର ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି । ସେମଧ ନିଜ ବାସଗୃହରେ ଏକ ମେସିନ ପକାଇ ଛତୁ ମଞ୍ଜି ସଂଗ୍ରହ କରି ବିବିନ୍ନ ଜିଲ୍ଲା ମାନଙ୍କରେ ବିକ୍ରୟ କରି ଉପକୃତ ହୋଇଛନ୍ତି । ବ୍ଲକର କୃଷି ଓ ଉଦ୍ୟାନ ବିଭାଗ ଅଧିକାରିଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ର ଉପରେ କଦଳୀ ଅମୃତଭଣ୍ଡା, ସଜନା ଛୁଇଁ, ଡାଳିମ୍ବ ଆଦି ଗଛ ଲଗାଇ ପ୍ରଚେଷ୍ଟା ଜାରି ରଖିଛନ୍ତି । ସେଥିରୁ ଚାରା ସଂଗ୍ରହ କରି ଚାରାକୁ ବିକ୍ରୟ କରିସଫଳତା ଅର୍ଜଣ କରିଛନ୍ତି । ସେ ମଧ କୃଷି ବିଜ୍ଞାନ କେନ୍ଦ୍ର ବଡଚଣା କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମାନ) ଛତୁ ଉତ୍ପାଦମ ମହାସଂଘ ଢେଙ୍କାନାଳ ଓଡିଶା କୃଷି ଓ ବୈଷୟିକ ବୀଶ୍ୱବିଦ୍ୟାଳୟ ଭୁବନେଶ୍ୱର ଆନ୍ତର୍ଜାତିକ ମହିଳା ଦିବସ ଭୁବନେଶ୍ୱର ରଷ୍ଟ୍ରୀୟ କୃଷି ଓ ବିଜ୍ଞାନ ଯୋଜନା ଯାଜପୁର, ଯଯାତି ଜିଲ୍ଲା ମହୋତ୍ସବ ଯାଜପୁର, ରଜ ମହୋତ୍ସବ ଯାଜପୁର, କୃଷି ମହୋତ୍ସବ ଯାଜପୁର, ବିଜୁ ପଟ୍ଟନାୟକ ଜନ୍ମ ବାର୍ଷିକ ଅବସରରେ ବ୍ଲକସ୍ତରୀୟ ଓ ବିଭିନ୍ନ ଆନୁଷ୍ଠାନିକ ପକ୍ଷରୁ ମାନପତ୍ର , ଉତରୀୟ ଓ ପୁଷ୍ପଗୁଚ ଦିଆଯାଇ ସମ୍ମାନିତ କରାଯାଇଅଛି । ସେହିପରି ଭୁବନେଶ୍ୱର ଠାରେ ମହାମହିମ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ଶ୍ରୀମତୀ ମାହାଲା ବର୍ତମାନ ତାଙ୍କ ନିଜ ଗ୍ରାମ ଠାରେ ଏକ ନର୍ସରୀ କରି ମହିଳା ମାନଙ୍କୁ ସାମିଲ କରିଛନ୍ତି । ବର୍ତମାନ ନର୍ସରୀର ମୁଖ୍ୟ ହେଉଛି କର୍ମ ନିଯୁକ୍ତି ଓ ନୂତନ ଫଳଗଛ, ଜଙ୍ଗଲ କିସମର ଚାରା କରାଯାଇ ସାଧାରଣ ଲୋକମାନଙ୍କୁ ଯୋଗାଇ ଦିଆଯିବ । ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି । ତାଙ୍କ ଅଂଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜର ସ୍ୱାବଲମ୍ବୀ ପାଇଁ ତାଙ୍କ ସହିତ ସାମିଲ ହୋଇ ନୂତନ ଯୋଜନା ସୃଷ୍ଟି କରୁଛନ୍ତି । ପ୍ରିୟ ମୁଖ୍ୟମନ୍ତ୍ରିଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ମହିଳା ମାନଙ୍କୁ ସଶକ୍ତି କରଣ କରି ଆର୍ଥିକ ବିକାଶ ଘଟାଇବା ହେଉଛି ମୂଳଲକ୍ଷ । ଏହି ନର୍ସରୀରେ ଆମ୍ବ, ନଡିଆ, ପଣସ, ଗୁଆ, ଲେମ୍ବୁ, ଲିଚୁ, ସଜନା, କଦଳୀ, ଅମୃତବଣ୍ଡା ସହିତ ଶାଗୁଆନ, ଶିଶୁ, କଦମ୍ବ, ଆକାଶିଆ, ଦେବଦାରୁ ପ୍ରଭୃତି ଚାରା ସଂଗ୍ରହ କରିବାର ଯୋଜନା କରାଯାଇଅଛି । ଏହି ଯୋଜନାରେ ସଫଳତା ପାଇଁ ଶ୍ରୀମତୀ ଶୁଭସ୍ମିତା ସାହାଣୀ ଏଭଳି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସମାଜରେ ଥିବା ସମସ୍ତ ସାଧାରଣ ଲୋକମାନଙ୍କର ସେବାରେ ନିଜକୁ ନିୟୋଜିତ କରିବା ସହ ନର୍ସରୀରେ ଯୋଗଦେଇ କାର୍ଯ୍ୟର ସଫଳତା ପାଇଁ ଅଂଟା ଭିଡିଚନ୍ତି । ଏଭଳି ମହିଳା ମାନଙ୍କ ବିକାଶ ମୂଳକ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ସହାୟତା ପାଇଁ ସାଧାରଣରେ ଦାବୀ କରାଯାଉଛି ।

## ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ

ପାରାଦୀପ,(ପି.ଏନ): ନିରାପଦ ରକ୍ତଦାନ ଓ ରକ୍ତର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ଓ ସ୍ୱେଚ୍ଛାକୃତ ରକ୍ତାଦାତାମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିବା ପାଇଁ ପ୍ରତ୍ୟେକ ବର୍ଷ ଜୁନ୍ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନିଜ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏଥିରେ ଆୟୋଜିତ ଏକ ସଭାରେ ଜାହାଜ ଏଜେଂଟ୍ ସଂସ୍ଥାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଡା.ପାଣିଗ୍ରାହୀ ନିଜ ବକ୍ତବ୍ୟରେ ରକ୍ତଦାନର ମହତ୍ୱ ଏବଂ ଯାହା ଜଣେ ବ୍ୟକ୍ତିଙ୍କ ସୁସ୍ଥ ଜୀବନଯାପନ ପାଇଁ ନିରାପଦ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ଆଗାମୀ ଦିନରେ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ସହ ଏ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡା.ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ । ଶେଷରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାମୂହିକ ଶପଥ ପାଠ କରିଥିଲେ ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

MAHARISHI PUBLIC SCHOOL
2021-2022



ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednesday June 15, 2022 ଭୁବନେଶ୍ୱର ବୁଧବାର, ଜୁନ ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମା' ଭଗବତୀଙ୍କ ପୀଠରେ ଅର୍କଶ୍ରୀ ପକ୍ଷରୁ ରଜଉତ୍ସବ ଉଦଘାଟିତ



କୋଣାର୍କ ,(ପି.ଏନ): ଓଡିଶାର ପ୍ରସିଦ୍ଧ ଲୋକ ପ୍ରିୟ ଗଣପର୍ବ ରଜ ଉତ୍ସବ ଅବସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ହେଉଅଛି ୨୩ତମ ରଜ ଉତ୍ସବ । ମା' ଭଗବତୀଙ୍କ ପୀଠରେ ରଜ ଉତ୍ସବ ପାଳନ କରିବା ପାଇଁ ଆଖପାଖ ଅଞ୍ଚଳର ଲୋକେ ଅସହ୍ୟ ଗରମ ଓ ଗୁଳୁଗୁଳିକୁ ଖାତିର ନ କରି ଆବାଳ ବୃଦ୍ଧବନିତା ସମବେତ ହୋଇଥିଲେ ଉତ୍ସବ ସ୍ଥଳରେ । ମା'ଙ୍କ ପୀଠ ସମ୍ମୁଖରେ ଥିବା ବିଶାଳକାୟ ବଟବୃକ୍ଷର ଶାଖାପ୍ରଶାଖା ମାନଙ୍କରେ ଝୁଲିଥିବା ଶତାଧିକ ଦୋଳିରେ ମହିଳା, ଯୁବତୀ ଓ କିଶୋରୀମାନେ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ପ୍ରକାର ପାରମ୍ପାରିକ ରଜଗୀତ ଗାଇ ମନଭରି ଝୁଲିଥିଲେ ରଜ ଦୋଳିରେ । ଏହି ଅବସରରେ ଝିଅ ବୋହୂମାନେ ପରସ୍ପରକୁ ଅଳତା, କୁଙ୍କୁମ ଓ ମେହେନ୍ଦି ଲଗାଇବା ସହ ରଜପାନ, ମୁଢ଼ି, ପୋଡ଼ପିଠା ଦିଆନିଆ ହୋଇ ରଜମୌଜରେ ମଜିରହିଥିଲେ । ଏକ ସ୍ୱତନ୍ତ୍ର ମଞ୍ଚରେ ଆୟୋଜିତ ହୋଇଥିଲା ଭଜନ, ଘୋଡାନାଚ, ଗୋଟିପୁଅ ନୃତ୍ୟ, ଓଡିଶୀ ନୃତ୍ୟ, ଦାଶ କାଠିଆ ସମେତ ଓଡିଶାର ବିଭିନ୍ନ ପ୍ରକାର ପାରମ୍ପାରିକ ଲୋକ ନୃତ୍ୟର କାର୍ଯ୍ୟକ୍ରମ । ସନ୍ଧ୍ୟାରେ ଏହି ମଞ୍ଚରେ ଅର୍କଶ୍ରୀର ସମ୍ପାଦକ ଉମେଶ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିଥିଭାବେ ବର୍ଷିୟାନ ରାଜନେତା ସୁରେନ୍ଦ୍ର ନାଥ ନାୟକ, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ନାଟ୍ୟକାର ପ୍ରଦୀପ ବିଶ୍ୱାଳ, କୋଣାର୍କ ଏନଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ, ପ୍ରମୁଖ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜ ପର୍ବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅର୍କଶ୍ରୀ ପକ୍ଷରୁ ବର୍ଷିୟାନ ରାଜନେତା ସୁରେନ୍ଦ୍ର ନାଥ ନାୟକଙ୍କୁ ଅର୍କଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉତ୍ସବ ସ୍ଥଳରେ ହସ୍ତଶିଳ୍ପ ସାମଗ୍ରୀର ଦୋକାନମାନ ଖୋଲା ଯାଇଥିଲା । ଉତ୍ସବକୁ ସରଶ ସୁନ୍ଦର କରିବ ପାଇଁ ସ୍ଥାନୀୟ ଅଞ୍ଚଳର ମହିଳା ସଙ୍ଗଠନମାନଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସହାୟତାର ହାତ ବଢାଇଛନ୍ତି । ଉତ୍ସବ ସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ପାନ ଓ ମୁଢ଼ିର ଷ୍ଟଲ୍ ଖୋଲା ଯାଇଛି । ରଜର ଦ୍ୱିତୀୟ ଦିବସ ପୂର୍ବାହ୍ନ ୧୧ଟା ସମୟରେ ଅନୁଷ୍ଠିତ ହେବା ସହିତ୍ୟ ଉତ୍ସବ ଓ କବିତା ପାଠ । ଏଥିରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ ସାହିତିକ୍ୟ, ଲେଖକ, କବି ଓ କବିୟିତ୍ରୀମାନେ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିବାର କାର୍ଯ୍ୟକ୍ରମ ରହିଛି । ମଧ୍ୟାହ୍ନରେ ଆରମ୍ଭ ହେବେ ଲୁଡୁ, ତାସ, ପୁଚି, ମେହେନ୍ଦି, ଝୋଟି, ଚିତ୍ରାଙ୍କନ, ନଡିଆ ଲଢେଇ. କାନ୍ଦଣା ଓ ହୁଳହୁଳି ଇତ୍ୟାଦି ପାରମ୍ପରିକ ପ୍ରତିଯୋଗୀତା । ରଜ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ପ୍ରତାପ ରାଉତ ଓ ଗନ୍ଧର୍ବ ସେନାପତି ସଞ୍ଚାଳନ କରୁଥିବା ବେଳେ ଅର୍କଶ୍ରୀର ସମସ୍ତ କର୍ମକର୍ତ୍ତ ପରିଚାଳନା କରୁଛନ୍ତି ।

# ମା'ବିରଜା ଟିଭି ନିବେଦିତ ୪ର୍ଥ କ୍ଷୁଦ୍ର ଚଳଚ୍ଚିତ୍ର 'ସମ୍ପର୍କର ବୋଝ' ଶୁଭ ମହୁରତ



ଯାଜପୁର: ଯାଜପୁର ଟାଉନ ସ୍ଥିତ ଗୌତମବୁଦ୍ଧ ସଂସ୍କୃତ ଭବନ ପରିସରରେ କ୍ଷୁଦ୍ର ଚଳଚ୍ଚିତ୍ର 'ସମ୍ପର୍କର ବୋଝ'ର ଶୁଭ ଉଦ୍‌ଘାଟ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍.ବି. ଟିଭିର ମୁଖ୍ୟ ସମ୍ପାଦକ ହରିହର ସ୍ୱାଇଁ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ସାମ୍ବାଦିକ ପ୍ରଭାତ ତ୍ରିପାଠୀ, ସୁରେନ୍ଦ୍ର ସାମଲ, ନିର୍ଦ୍ଦେଶକ ସୁରେଶ ରଜା, କାହାଣୀ ଓ ସଂଗ୍ଳାପ- ଶ୍ରୀକାନ୍ତ ଶ୍ରୀମା, ଶିଶୁକଣ୍ଠ ଶିଳ୍ପୀ ଦେବେଶ୍ୱର ସ୍ୱାଇଁ ଓ ସତ୍ୟମ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ଅଞ୍ଚଳଦାସ ପୂର୍ବତନ ସାଂସଦ, ପିଣ୍ଟୁ, ମାମୁନି, ପାର୍ଥସାରଥି ସାମଲ, ସବିତାରାଣୀ ମିଶ୍ର, ସନ୍ତୋଷ ମିଶ୍ର, ରମାକାନ୍ତ ପ୍ରଧାନ, ଅନିଲ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ, ମାନସୀ, କ୍ୟାମେରା- ସାନୁ, ମିଟୁ, ବାପି, ପ୍ରମୁଖ ସହଯୋଗ କରିଥିଲେ। ଏମ୍.ବି. ଟିଭି ଦ୍ୱାରା ନିର୍ମିତ ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରଟି ଜନସାଧାରଣଙ୍କ କ୍ଷେତ୍ରରେ ବେଶ ଶିକ୍ଷଣିୟ ରହିବ ବୋଲି ଏମ୍.ବି. ଟିଭିର ମୁଖ୍ୟ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

# ରାଉରକେଲାରେ କଂଗ୍ରେସର ଜିଲ୍ଲାସ୍ତରୀୟ ନବସଂକଳ୍ପ ଶିବିର ସମ୍ପନ୍ନ



ରାଉରକେଲା, (ପି.ଏନ): ରାଉରକେଲା କଂଗ୍ରେସ ସାଙ୍ଗଠନିକ ଜିଲ୍ଲା ତରଫରୁ ଆଜି ତା-୧୪.୬.୨୨ ରିଖରେ ଜିଲ୍ଲା ସ୍ତରୀୟ ନବସଂକଳ୍ପ ଶିବିର ସ୍ଥାନୀୟ ହୋଟେଲ ରାଧିକା ରିଜେନ୍ସିର ଚାଣକ୍ୟ ହଲ୍‌ରେ ସମ୍ପନ୍ନ ହୋଇଯାଇଛି । ଜିଲ୍ଲା କଂଗ୍ରେସର ଦାୟିତ୍ୱରେ ଥିବା ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ଭାବେ ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକ୍କା ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ସେବାଦଳର ବୁଲୁ ଦାସଙ୍କ ସଂଯୋଜନାରେ ଶ୍ରୀ ଏକ୍କା ଭାରତୀୟ ଜାତୀୟ କଂଗ୍ରେସର ପତାକା ଉତ୍ତୋଳନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଶିବିରରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନଙ୍କୁ ଶ୍ରୀ ଏକ୍କା ସମ୍ବୋଧିତ କରି ଭାରତୀୟ ଜାତୀୟ କଂଗ୍ରେସର ଇତିହାସ ଉପରେ ଆଲୋକପାତ କରିବା ସହିତ ସ୍ୱାଧୀନତା ପରେ କଂଗ୍ରେସର ଉପଲବ୍ଧି ଉପରେ ଚର୍ଚ୍ଚା କରିଥିଲେ । ସମ୍ପ୍ରତି କେନ୍ଦ୍ରରେ ଶାସନ କରୁଥିବା ମୋଦି ସରକାର ଓ ରାଜ୍ୟରେ ଗତ ୨୨ ବର୍ଷ ଧରି ଶାସନରେ ଥିବା ନବୀନ ସରକାରର ବିଭିନ୍ନ ଜନବିରୋଧି ନୀତି ସମ୍ପର୍କରେ ଚର୍ଚ୍ଚା କରି ବର୍ତ୍ତମାନ ପରିସ୍ଥିତିରେ କଂଗ୍ରେସ କର୍ମୀମାନେ ତୃଣମୂଳ ସ୍ତରରେ କଂଗ୍ରେସ ସଙ୍ଗଠନକୁ ମଜବୁତ କରି ଉଭୟ ସରକାରର ଜନବିରୋଧି ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ବନ୍ଦନା ଗାନ କରାଯାଇଥିବା ବେଳେ ଉପସଭାପତି ସର୍ନ୍ତୋଷ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ରଖି ଶ୍ରୀ ଏକ୍କାଙ୍କ ସମେତ ସମସ୍ତ ଅତିଥିବୃନ୍ଦଙ୍କୁ ସ୍ୱାଗତ କରିଥିଲେ । ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଉଦୟପୁର ଚିଁନ ଶିବିରର ଘୋଷଣାପତ୍ରକୁ ପାଠ କରି ଏହି ଘୋଷଣା ପତ୍ର ଉପରେ ଚର୍ଚ୍ଚା ଆରମ୍ଭ କରିଥିଲେ । ଏହି ଘୋଷଣାପତ୍ର ଉପରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାଂ ସେଠୀ, ପୂର୍ବତନ ସଭାପତି ରବି ରାୟ, ପୂର୍ବତନ କର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଅନ୍ୟତମ ପିସିସି ସଭ୍ୟ ପ୍ରଭାତୀ ମିଶ୍ର ଓ ପ୍ରମୋଦ ପ୍ରଧାନ, ପୂର୍ବତନ ପିସିସି ସମ୍ପାଦକ ରଶ୍ମି ପାଢୀ, ଇନ୍‌ଟକ ସଭାପତି ନିହାର ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, ସରୋଜ ଲେଙ୍କା, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କଂଗ୍ରେସ ମୁଖପାତ୍ର ଆର୍.ପି. ସିଂହ, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ସମ୍ପାଦକ କଳ୍ପତରୁ ପଣ୍ଡା, ସଂଖ୍ୟାଲଘୁ ଯୁବନେତା ସାକିର ହୁସେନ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ ପ୍ରମୁଖ ବକ୍ତବ୍ୟ ରଖି ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ଉଦୟପୁର ଘୋଷଣାପତ୍ର ଅନୁଯାୟୀ ୬ଟି ଉପକମିଟି ଯଥା ରାଜନୈତିକ ବ୍ୟାପାର, ଅର୍ଥନୈତିକ ବ୍ୟାପାର, ଯୁବ ବ୍ୟାପାର, କୃଷି ଓ କୃଷି ଶ୍ରମିକ ବ୍ୟାପାର, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ତଥା ସାଙ୍ଗଠନିକ ବ୍ୟାପାରକୁ ନେଇ ୪ ଜଣ ବରିଷ୍ଠ ନେତାଙ୍କ ଅଧ୍ୟକ୍ଷତା ଓ ଆବାହକତ୍ୱରେ ଗଠନ କରାଯାଇଥିଲା । ଏହି ୬ଟି ଉପକମିଟି ତରଫରୁ ଦଳଗତ ଆଲୋଚନା କରାଯାଇ ଉଦୟପୁର ଚିଁନ ଶିବିରର ଘୋଷଣାପତ୍ରକୁ ସମ୍ପୂର୍ଣ୍ଣ ସମର୍ଥନ କରାଯିବା ସହିତ ଆଉ କିଛି ନୂଆ ନୂଆ ପ୍ରସ୍ତାବ ସଂଲଗ୍ନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ମୁଖପାତ୍ର କୈଳାସ ସାହୁ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏଥିରେ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାଙ୍କ ସମେତ ବରିଷ୍ଠ ନେତୃବୃନ୍ଦ, ଯୁବ, ଛାତ୍ର, ମହିଳା, ଏସ୍‌ଟି, ଏସ୍‌ସି, ଓବିସି, ମାଇନିରିଟି ଇତ୍ୟାଦି ସମସ୍ତ ବିଭାଗରୁ ପ୍ରାୟ ୧୫୦ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ । ଅପରାହ୍ନ ସାଢେ ୫ଟା ବେଳେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ପ୍ରକୃତି କୋଳରେ ରଜ ମଉଜ : ବାଉଁଶ ଦୋଳିରେ ଝୁମିଲେ ବନବାସୀ



ଭୁବନେଶ୍ୱର, (ପି.ଏନ): ରଜ ଓଡ଼ିଶାର ଗଣପର୍ବ । ଉତ୍କଳୀୟ ସାଂସ୍କୃତିକ ଜୀବନର ଚିତ୍ତାକର୍ଷକ ପର୍ବ ହେଉଛି ରଜ । କୃଷିଭିତ୍ତିକ ପର୍ବ ରୂପେ ଏହା ପୁରପଲ୍ଲୀରେ ବେଶ୍ ପରିଚିତ । ସମାଜର ସବୁବର୍ଗର ଲୋକମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭାଇଚାରାର ମନୋଭାବକୁ ମଜଭୁତ କରିବା ପାଇଁ ଆନନ୍ଦର ପର୍ବ ରଜକୁ ସାମାଜିକ ଅନୁଷ୍ଠାନ 'ସମାଜର ଦର୍ପଣ ହେଲ୍‌ପ ଗ୍ରୁପ୍' ପକ୍ଷରୁ ଆଦିବାସୀ ପଲ୍ଲୀ କନ୍ଦଳେଇଠାରେ ବେଶ୍ ଧୁମ୍‌ଧାମ୍‌ରେ ପହିଲି ରଜ ପାଳିତ ହୋଇଯାଇଛି । ସବୁଜିମା ଘେର ମଧ୍ୟରେ ପୁରି ରହିଥିବା ପଲ୍ଲୀଟି ଅର୍ଥାତ୍ ପ୍ରକୃତି କୋଳରେ ବରଗଛରେ ବାଉଁଶରେ ପ୍ରସ୍ତୁତ ହୋଇଥିବା ଆକର୍ଷଣୀୟ ଦୋଳିରେ ଗାଁର କୁନି କୁନି ପିଲାମାନେ ଝୁମି ରଜ ମଉଜକୁ ବେଶ୍ ଉପଭୋଗ କରିଥିଲେ । ଗାଁର ପ୍ରତିଟି ପିଲାମାନଙ୍କୁ ନୂଆ ପୋଷାକ ସହ କୁମାରୀ ମାନଙ୍କୁ ସୁସଜ୍ଜିତ କରିବା ପାଇଁ ଅଳତା, ସିଙ୍ଗାର, ଟିକିଲି, ମେହନ୍ଦୀ ଇତ୍ୟାଦି ଅନୁଷ୍ଠାନ ତରଫରୁ ଯୋଗାଇ ଦିଆଯାଇଥିଲା । ବନସ୍ତେ ଡ଼ାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' ଗୀତ ଗାଇ, ଭୋଜିଭାତ ଖାଇ, ଦୋଳିରେ ଝୁମି କୁମାରୀମାନେ ମଉଜମସ୍ତିରେ ପାଳନ କରିଛନ୍ତି ଏହି ତିନିଦିନିଆ ରଜ ପର୍ବ । ସୂଚନାଯୋଗ୍ୟ, ପଲ୍ଲୀଟି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା- ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ । ଏମାନେ ବନବାସୀ । ବନସ୍ତରେ ରୁହନ୍ତି । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ସେନାପତି, ସମ୍ପାଦକ ଚନ୍ଦନ ସ୍ୱାଇଁ, ଉପସଭାପତି କୁଳମଣି ଭୂତିଆ, କୋଷାଧ୍ୟକ୍ଷ ଆଲୋକ ସାହୁ, ସଭ୍ୟ ଜ୍ୟୋତିରଞ୍ଜନ ରାୟ, ଚିଣ୍ଟୁ ବେହେରା, ପ୍ରିୟଙ୍କା ପଣ୍ଡା, ଶୁଭସ୍ମିତା ପୃଷ୍ଟି, ପ୍ରତାପ କେଶରୀ ସାହୁ, ଅନିଲ୍ ପାତ୍ର, ଅଞ୍ଜନ ବେହେରା, ସଞ୍ଜୟ ଛାଟୋଇ, ପପୁ ମଲ୍ଲିକ, ଅମିତ୍ କୁମାର ସାମଲ, ଦୀନବନ୍ଧୁ ସାହୁ, ବିଜୟ କୁମାର ଖୁଣ୍ଟିଆ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଢ଼େଙ୍ଗ ଏବଂ ପୂର୍ବତନ ସରପଞ୍ଚ ମନସ୍ୱିନୀ ମିଶ୍ର ଢ଼େଙ୍ଗ ଅତିଥି ରୂପେ ଯୋଗ ଦେଇ ଅନୁଷ୍ଠାନର ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray